## ନାବାଳକର ହାତ ବାନ୍ଧି ବଜାରରେ ଚଲାଇ ଚଲାଇ ନେବା ଘଟଣା

# ବ୍ରହ୍ମଗିରି ଥାନା ସମ୍ମୁଖରେ ଆମ୍ ଆଦ୍‌ମୀ ପାର୍ଟିର ଅନଶନ

ବ୍ରହ୍ମଗିରି,୮।୪(ସମିସ)

ବୁଧବାର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବ୍ରହ୍ମଗିରି ଥାନା ଘେରଉ କରାଯାଇ ବ୍ରହ୍ମଗିରି ପୁଲିସ ଆଇଆଇସିଙ୍କ ନିଷ୍କ୍ରିୟତାକୁ ତୀବ୍ର ନିନ୍ଦା କରାଯାଇଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ବଜାରରେ ଦିନ ଦ୍ୱିପ୍ରହରରେ ଜଣେ ନାବାଳକର ହାତ ବାନ୍ଧି, ବେକରେ ପ୍ଲାକାର୍ଡ ପକାଇ ସାର୍ବଜନୀନ ଭାବେ ବୁଲାଇବା ଘଟଣାକୁ ଆଜକୁ ଦୀର୍ଘ ୨୦ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ଦଳ ଗଭୀର କ୍ଷୋଭ ପ୍ରକାଶ କରିଛି। ଆମ୍ ଆଦ୍‌ମୀ ପାର୍ଟି ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି ଯେ, ପୁଲିସର ଏହି ନିଷ୍କ୍ରିୟତାର କାରଣ ହେଉଛି ଅଭିଯୁକ୍ତ ସ୍ଥାନୀୟ ବିଧାୟିକାଙ୍କ ନିକଟତମ ଲୋକ। ଏହି କାରଣରୁ ପୁଲିସ ନିରପେକ୍ଷ ଭାବେ କାମ କରିବାରେ ଅସମର୍ଥ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି।




ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ୍ ସଭାପତି ଯୁଧିଷ୍ଠିର ବାରିକ, ଜିଲ୍ଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ରାଜ୍ୟ ଲିଗାଲ ସେଲ ସଭାପତି ସିଦ୍ଧାର୍ଥ ପରିଡ଼ା, ଉପସଭାପତି ଅନିଲ ସେନାପତି, ରବୀନ୍ଦ୍ରନାଥ ସାହୁ, ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ସୁଦର୍ଶନ ପଲେଇ, ବିଶ୍ୱଜିତ୍ ପରିଡ଼ା, ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ଉମାରାଣୀ ଦଳାଇ, ସୁଜାତା ଦଳାଇ, ଭାନୁମତୀ ଦଳାଇ, ମନି ପାଣ୍ଡେ, ଘନଶ୍ୟାମ ବେହେରା ସମେତ ଦଳର ଶତାଧିକ କର୍ମୀ ଯୋଗଦେଇଥିଲେ। ନାବାଳକଙ୍କ ପିତାଙ୍କ କହିବା ଅନୁଯାୟୀ, ସେ ନ୍ୟାୟ ପାଇବା ଆଶାରେ ଥାନାକୁ ବାରମ୍ବାର ଦୌଡ଼ି ଦୌଡ଼ି ଏବେ ନିରାଶ ଓ ନିରୁପାୟ ଅବସ୍ଥାରେ ଦିନ କାଟୁଛନ୍ତି। ସେ ନିଜ ଜୀବନ ପ୍ରତି ମଧ୍ୟ ବିପଦ ଥିବା କଥା ଜଣାଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଏହି ଘଟଣାରେ ତୁରନ୍ତ ଓ ନିରପେକ୍ଷ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କଠୋର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି। ନଚେତ୍ ଆସନ୍ତା ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୨ଟି ସ୍ଥାନରୁ ଚୋରି ଅଭିଯୋଗ

ନିମାପଡ଼ା,୮।୪(ସମିସ): ନିମାପଡ଼ା ଥାନା ଅଞ୍ଚଳରୁ ୨ଜଣଙ୍କ ଘରୁ ଚୋରି ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗୋଲେଇ ଛକ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ ନିକଟରେ ରହୁଥିବା ଅବସରପ୍ରାପ୍ତ କର୍ମଚାରୀ ନାରାୟଣ ବେହେରାଙ୍କ ଘରର ପଛପଟ ଝରକା ଗ୍ରିଲ୍ କାଟି ଘର ଭିତରେ ପଶି ଆଲମାରୀ ଭାଙ୍ଗି ୫୦ହଜାର ଟଙ୍କା ଓ ଏଲଇଡି ଟିଭି ଚୋରି କରିନେଇଥିବା ନେଇ ନାରାୟଣ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଜଣେ ଶିକ୍ଷକ ବିଷ୍ଣୁ ଚରଣ ବେହେରାଙ୍କ ଘରୁ ଚୋରମାନେ ଏକ ଏଲଇଡି ଟିଭି ସମେତ କେତେକ ସାମଗ୍ରୀ ଚୋରି କରିଥିବା ନେଇ ବିଷ୍ଣୁଙ୍କ ପତ୍ନୀ ସୁଲକ୍ଷଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

● କାଳବୈଶାଖୀ ପ୍ରଭାବ

## ବିଦ୍ୟୁତ୍ ସରବରାହ ବ୍ୟାଘାତ; ଅନ୍ଧାରରେ ରୋଗୀ ସେବା

ଚାରିଛକ,୮।୪(ସମିସ): ବୁଧବାର କାଳବୈଶାଖୀ ପ୍ରଭାବରେ ଚାରିଛକ ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ସହିତ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ କଟିଯିବା ଫଳରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ଧାରରେ ରୋଗୀ ସେବା ଚାଲିଥିବା ଜଣାପଡ଼ିଛି। ବୁଧବାର ଅପରାହ୍ଣ ୪ଟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିବା ଫଳରେ ବିଦ୍ୟୁତ୍ ସରାବରାହ ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିଥିଲା। ଫଳରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ଧାରରେ ରୋଗୀ ସେବା ଚାଲିଥିଲା। ଦୁଃଖର ବିଷୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ୨ଟି ଜେନେରେଟର ଦୀର୍ଘଦିନ ହେବ ଅଚଳ ହୋଇ ପଡ଼ିଥିବାରୁ ମରାମତି ନ ହେବା ଦ୍ୱାରା ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନେ ହଇରାଣ ହେଉଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଣାସ,୮।୪(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ ଅଣ୍ଡାରସିଂହ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାରାଣୀ ମହାପାତ୍ରଙ୍କ ସେବାନିବୃତ ସମ୍ବର୍ଦ୍ଧନା ସଭା ବୁଧବାର ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। କଣାସ ବ୍ଲକ୍‌ର ପୂର୍ବତନ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟଙ୍କ ସଭାପତିତ୍ୱ ଓ ଶିକ୍ଷକ ବ୍ରହ୍ମାନନ୍ଦ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କଣାସ ବ୍ଲକ୍ ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସିଆର୍‌ସିସି ଶ୍ରୀନିବାସ ମାର୍ଥା, ଭୂପତି ଭୂଷଣ ତ୍ରିପାଠୀ, କଣାସ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ସମ୍ପାଦକ ସୁଶାନ୍ତ କୁମାର ନରେନ୍ଦ୍ର, ପ୍ରାକ୍ତନ ଶିକ୍ଷକ ଲକ୍ଷ୍ମୀଧର ପରିଡ଼ା, ସମାଜସେବୀ ବାଦଲ ଚମ୍ପତି, ପଞ୍ଚ ବୈଶାଳିନୀ ବରାଳ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଗୀତାରାଣୀ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ସ୍ନେହର ଛାତ୍ରଛାତ୍ରୀମାନେ ମନଦେଇ ପାଠ ପଢ଼ିବା ସହ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ, ଆଞ୍ଚଳିକ ସାଧନ କେନ୍ଦ୍ର, ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶ୍ରୀମତୀ ମହାପାତ୍ରଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଇତିଶ୍ରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁଇଟି ଚୋରି ଘଟଣାରେ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ

ନୟାହାଟ,୮।୪(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ତୋଟା ଛକରେ ଏକ ଗୁଆ ମସଲା ଦୋକାନ ଭାଙ୍ଗି ଚୋରି ହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ବଡ଼ତୋଟା ଛକରେ ଥିବା ନୃସିଂହ ଚରଣ ସ୍ୱାଇଁଙ୍କ ଗୁଆ ମସଲା ଦୋକାନ ତାଲା ଭାଙ୍ଗି ନଗଦ ୫ହଜାର ଟଙ୍କା ଓ ଡାଲି ଏକ ପ୍ୟାକେଟ୍, ଅମୂଲ ୫ କେଜି, ସୋରିଷ ତେଲ ୧୨ ବୋତଲ, ଓଜନ କଣ୍ଟା, ସିଗାରେଟ୍ ୧୨ ପ୍ୟାକେଟ୍ ଆନୁମାନିକ ୩୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଫାଣ୍ଡିରେ ଅଭିଯୋଗ ହେବା ପରେ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଭୁବନେଶ୍ୱରରୁ ଆସିଥିବା ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାର ତଦନ୍ତ କରିଥିଲେ। ସେହିପରି ଗତ ୫ ତାରିଖରେ ଶୋହଣା ଗ୍ରାମର ଘୋଡ଼ାଦାଣ୍ଡା ତ୍ରିଲୋଚନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ନଗଦ ୫ହଜାର, ପାଣି ମଟର, ୫୦କେଜି ଚାଉଳ ବସ୍ତା, ସାଉଣ୍ଡ ବକ୍ସ ଚୋରି ଘଟଣାର ପୁଲିସ ସନ୍ଧାନୀ କୁକୁର ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ଚୋରି ଘଟଣାରେ ସମ୍ପୃକ୍ତି ଥିବା ଅପରାଧୀମାନଙ୍କୁ ପୁଲିସ ଠାବ କରିଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

● କଣାସ ଅଞ୍ଚଳରେ ଗ୍ୟାସ୍‌ର ଘୋର୍ ଅଭାବ

## ଜଳଖିଆ ଦୋକାନ ଓ ହୋଟେଲରେ ତାଲା

କଣାସ,୮।୪(ସମିସ): ଦୀର୍ଘ ଏକ ମାସରୁ ଊର୍ଦ୍ଧ୍ୱ ହେଲା ଇରାନ, ଆମେରିକା, ଇସ୍ରାଏଲ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସ୍‌ର ଘୋର୍ ଅଭାବ ଦେଖାଦେଇଛି। ୪ ଦିନ ହେଲା କଣାସ ବ୍ଲକ୍‌ର ବିଭିନ୍ନ ବଜାରରେ ହୋଟେଲ, ଜଳଖିଆ ଦୋକାନ, ଠେଲା ଗାଡ଼ିରେ ବିକୁଥିବା ଖାଦ୍ୟ ଦୋକାନଗୁଡ଼ିକ ବନ୍ଦ ହୋଇଯାଇଛି। ତେଣୁ ଗ୍ରାହକମାନେ ଖାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କମର୍ସିଆଲ ଗ୍ୟାସ୍ ଅଭାବ ଯୋଗୁଁ ଦୋକାନୀମାନେ ବିଭିନ୍ନ ସ୍ଥାନରୁ ଘରୋଇ ଗ୍ୟାସ୍ ଚଢ଼ା ଦରରେ ଆଣି ଦୋକାନ ଖୋଲୁଥିଲେ। ୩ ଦିନ ତଳେ ଖାଉଟି ବିଭାଗ ଓ ତହସିଲ୍‌ଦାରଙ୍କ ଚଢ଼ଉ ଯୋଗୁଁ ଅନେକ ହୋଟେଲ ଓ ଜଳଖିଆ ଦୋକାନରୁ ଘରୋଇ ଗ୍ୟାସ୍ ସିଲିଣ୍ଡର ଦୋକାନୀମାନେ ବ୍ୟବହାର କରୁଥିବାରୁ ଉକ୍ତ ସିଲିଣ୍ଡରଗୁଡ଼ିକ କେତେକ ଦୋକାନରୁ ନେଇଯିବାରୁ ଦୋକାନୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବାଧ୍ୟ ହୋଇ ଦୋକାନୀମାନେ ତିନି ଚାରି ଦିନ ହେଲା ଦୋକାନରେ ତାଲା ପକାଇ ଦେଇଥିବା ଜଣାପଡ଼ିଛି।

## ପିପିଲି ହାଟ ବ୍ୟବସାୟୀ ସଂଘର ବାର୍ଷିକ ଅଧିବେଶନ



ପିପିଲି,୮।୪(ସମିସ): ପିପିଲିର ଐତିହ୍ୟ ହାଟ ତଥା ମହାଲକ୍ଷ୍ମୀ ବ୍ୟବସାୟୀ ସଂଘର ବାର୍ଷିକ ଅଧିବେଶନ ନିକଟସ୍ଥ ଲକ୍ଷ୍ମୀ ଫାର୍ମ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଦିଜବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା ଯୋଗଦେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ୪୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ବିଶିଷ୍ଟ ଏହି ସଂଘରେ ସର୍ବଦା ଜୀବନ ଜୀବିକା ନିର୍ବାହ ସହ ଶୃଙ୍ଖଳିତ ରହିବା ଜରୁରୀ ବୋଲି ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଆଇନ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ରମାକାନ୍ତ ସାହୁ, କାଉନ୍‌ସିଲର ଚନ୍ଦନ ସେଠୀ, କବିରାଜ ବରାଳ, ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ସାହୁ, ଉପସଭାପତି ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପିପିଲି ହାଟର ବାର୍ଷିକ ସାଂଗଠନିକ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପିପିଲି ଐତିହ୍ୟ ସାପ୍ତାହିକ ହାଟର ପୁନରୁଦ୍ଧାର ସହ ନବୀକରଣ, ପାନୀୟ ଜଳ ସହ ବର୍ଷା ଜଳ ନିଷ୍କାସନ, ଭେଣ୍ଡିଂ ଜୋନ୍ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ସେକ୍ ରାଜା, ସଭ୍ୟ ସନ୍ତୋଷ ମହାରଣାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଞ୍ଜର ମେଳଣ ଉଦ୍‌ଯାପିତ

# ବାଏନେ ଠାକୁରଙ୍କ ହରିହର ଭେଟ

ପିପିଲି,୮।୪(ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ କୁଞ୍ଜର ମେଳଣ ଉଦ୍‌ଯାପନ ରାତ୍ରିରେ ବାଏନେ ଠାକୁରଙ୍କ ହରିହର ଭେଟକୁ ଦର୍ଶନ କଲେ ହଜାର ହଜାର ଶ୍ରଦ୍ଧାଳୁ। ପୁରାଣ ପ୍ରସିଦ୍ଧ ଏହି ମେଳଣ ଚୈତ୍ର ପୂର୍ଣ୍ଣମୀ ଦ୍ୱିତୀୟାରେ ଜମିଥାଏ। ଉକ୍ତ ଦିନ ରାତ୍ରିରେ ସମସ୍ତ ରୀତିନୀତି ସରିବା ପରେ କୁଞ୍ଜର ଗ୍ରାମର ଆରାଧ୍ୟ ଭଗବତ ବାସୁଦେବ (ଥାନାପତି)ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମେଳଣ ପଡ଼ିଆସ୍ଥିତ ଆସ୍ଥାନରେ ବସାଯିବା ପରେ ଗୋବିନ୍ଦପୁର, ଲକ୍ଷ୍ମୀନାରାୟଣପୁର, ଜଗନ୍ନାଥପୁର, ପୂବାଶାସନ, ପମସରା, ଓରକଳ ଗ୍ରାମପଞ୍ଚାୟତ ସମେତ ପିପିଲି ପୌରାଞ୍ଚଳର ଏକାବନଟି ଗ୍ରାମରୁ ଠାକୁରମାନେ ସୁସଜ୍ଜିତ ବିମାନରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇ ମେଳଣ ପଡ଼ିଆସ୍ଥିତ ଠାକୁର ପାଇଁ ଉଦ୍ଦିଷ୍ଟ ପିଣ୍ଡିରେ ବସାଯାଇଥିଲା। ୪ ଦିନବ୍ୟାପୀ ଠାକୁରଙ୍କ ସମ୍ମୁଖରେ ପ୍ରାୟ ୧୦ଟି ସଂକୀର୍ତ୍ତନ ମଣ୍ଡଳ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରତ୍ୟହ ଏହି ମେଳଣରେ ହଜାର ହଜାର ଜନସମାଗମ ଦେଖିବାକୁ ମିଳିଥିଲା। ଶେଷ ରାତ୍ରିରେ ଥାନପତିଙ୍କ ସହିତ ହରିହର ଭେଟ ପରେ ମେଳଣ ଉଦ୍‌ଯାପିତ ହୋଇଥିଲା। ହରିହର ଭେଟ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ। କୁଞ୍ଜର ମେଳଣ ପିପିଲି ବ୍ଲକ୍‌ର ସର୍ବବୃହତ୍ ମେଳଣ ଭାବେ ପରିଚିତ। ଉକ୍ତ ମେଳଣ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ମେଳଣ କମିଟିର କର୍ମକର୍ତ୍ତା ଅଭିମନ୍ୟୁ ପ୍ରଧାନ, ବାଇଧର ପ୍ରଧାନ, ବିଜୟ ପ୍ରଧାନ ବିଶେଷ ସହଯୋଗ ପାଇଁ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ଖାଦ୍ୟ ମେଳା



ନିମାପଡ଼ା,୮।୪(ସମିସ): ନିମାପଡ଼ାସ୍ଥିତ ପତିତପାବନ ସେବା ସଂଘ ଅନ୍ତେବାସୀ ଭିନ୍ନକ୍ଷମ ଦୃଷ୍ଟିହୀନ, ବାଧିତ, ମାନସିକ ବିକାରଗ୍ରସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାର ଖାଦ୍ୟ ଯଥା- କଖାରୁ ଫୁଲ ଭଜା, ଦହିବରା ଆଳୁଦମ୍, ମଣ୍ଡା ପିଠା, ଚକୁଳି ପିଠା, ଦହି ପଖାଳ, ପୋଡ଼ପିଠା, ଚିକେନ ବିରିୟାନୀ ଆଦି ପ୍ରସ୍ତୁତ କରାଯାଇ ମେଳାରେ ପ୍ରଦର୍ଶନ କରାଯାଇଥିଲା। ପ୍ରଶିକ୍ଷକମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଏ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପିଲାମାନଙ୍କୁ ଶିକ୍ଷା ସହିତ ଯୋଗ, କର୍ମ କୁଶଳତା ବିକାଶ ପାଇଁ ଶିକ୍ଷା ଦିଆଯାଏ। ଭିନ୍ନକ୍ଷମମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ପାଇଁ ଏହା ଏକ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେବା ସଂଘର ପରିଚାଳକ ପ୍ରଫେସର ଜଗତ ପ୍ରସାଦ ସାବୁତଙ୍କ ଦ୍ୱାରା ଆୟୋଜିତ ଫୁଡ୍ ଫେଷ୍ଟିଭାଲରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ ବେହେରା, ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାବୁତ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ଜୀବନାନନ୍ଦ ମହାପାତ୍ର, ଭଗବାନ ବେହେରା, ଚିତ୍ତରଞ୍ଜନ ବେହେରା, ସାମ୍ବାଦିକ ମାନସ ଦାସ, ଅତିଶ ପଟ୍ଟନାୟକ, ଉମା ଶଙ୍କର ଆଚାର୍ଯ୍ୟ, ରାମଚନ୍ଦ୍ର ସାହୁ ପ୍ରମୁଖ ମେଳାକୁ ବୁଲି ଦେଖିବା ସହିତ ଖାଦ୍ୟ ଖାଇଥିଲେ।

## ଉତ୍ତମ ନାୟକ ପୁରୀ ଜିଲ୍ଲା କଂଗ୍ରେସ ସମ୍ପାଦକ

କୁଣ୍ଢେଇ,୮।୪(ସମିସ): କଂଗ୍ରେସକୁ କ୍ଷମତାକୁ ଆଣିବାକୁ କଂଗ୍ରେସର ପୁରୁଖା ନେତା ଓ ଯୁବ ନେତୃତ୍ୱଙ୍କୁ ନେଇ ସବୁଠି ତର୍ଜମା ଚାଲିଥିବାବେଳେ କେଉଁଠି ପୁରୁଣା ମୁହଁ ତ ଆଉ କେଉଁଠି ସଂଗଠନକୁ ମଜଭୁତ କରିବା ପାଇଁ କଂଗ୍ରେସ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତା'ର ଖସଡ଼ା ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ଏବେ କଂଗ୍ରେସ ଦଳକୁ ଓ କାକଟପୁର ନିର୍ବାଚନମଣ୍ଡଳୀକୁ ନିଜ ହାତ ମୁଠାକୁ ନେବା ପାଇଁ କଂଗ୍ରେସ ସତ୍ୟବ୍ରତ ପାତ୍ରଙ୍କୁ ଦଳରେ ମିଶାଇ କାକଟପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତିକୁ ମଜଭୁତ କରିବାକୁ ଆଶା ରଖିଥିବାବେଳେ ଜିଲ୍ଲାସ୍ତରରେ ମଧ୍ୟ କଂଗ୍ରେସ ତା'ର ରଣକୌଶଳକୁ ବଦଳାଇବାକୁ ଅଣ୍ଟା ଭିଡ଼ିଛି। ଏବେ ସଦ୍ୟ ଭାବେ କାକଟପୁରର ଜଣେ ଆଗଧାଡ଼ିର ଯୁବ ସଂଗଠକ ଉତ୍ତମ ନାୟକଙ୍କୁ ପୁରୀ ଜିଲ୍ଲାର ସମ୍ପାଦକ ଭାବେ ଚୟନ କରିଛି। ଦଳକୁ ଆଗକୁ ନେବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି ଶ୍ରୀ ନାୟକ।

## ଓଡ଼ିଆ ନବବର୍ଷ ପାଳନ ନିମନ୍ତେ ପ୍ରସ୍ତୁତି




ଚାରିଛକ,୮।୪(ସମିସ): ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୧ନଂ ଜୋନ୍ ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ଆସନ୍ତା ୧୪ ତାରିଖ ଓଡ଼ିଆ ନବବର୍ଷ ପଣାସଂକ୍ରାନ୍ତି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଚାରିଛକ ବିଶିମାତ୍ରାସ୍ଥିତ ବାଟ ମହାବୀର ମନ୍ଦିରଠାରୁ କର୍ମୀମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ବାହାରି ଚାରିଛକ ବଜାର ଦେଇ ବ୍ରହ୍ମକୁଣ୍ଡି ବ୍ରହ୍ମେଶ୍ୱରଙ୍କ ମନ୍ଦିର ନିକଟରେ ପହଞ୍ଚିବ ବୋଲି ସୂଚନା ମିଳିଛି। ଉକ୍ତ ଶୋଭାଯାତ୍ରାରେ ୭ଟି ପଞ୍ଚାୟତର ୪ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ଶୋଭାଯାତ୍ରାରେ ସାମିଲ୍ ହେବା ପାଇଁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ଅଶୋକ ସାହୁ, ସବ୍ୟସାଚୀ ରାୟ ଚୂଡ଼ାମଣି, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ମହେନ୍ଦ୍ର ମହାପାତ୍ର, ସୁବାସ ବାରିକ, ରମାରମଣ ଦେବପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଗାଁ ରାସ୍ତାରେ ଜମୁଛି ବର୍ଷାଜଳ; ମରାମତି କେବେ ?

ନୟାହାଟ,୮।୪(ସମିସ): ସାମାନ୍ୟ ବର୍ଷାରେ ନୟାହାଟରୁ ନିଭରଣ ରାସ୍ତାର ହାଡ଼ିବନ୍ଧୁ କଲ୍ୟାଣ ମଣ୍ଡପ ନିକଟରେ ବର୍ଷାଜଳ ଲହଡ଼ି ମାରୁଛି। ଏହି ରାସ୍ତା ଉପରେ ଧୂମାଳ ନିଭରଣ ପଞ୍ଚାୟତ ଓ ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍‌ର ଜନସାଧାରଣ ଉକ୍ତ ରାସ୍ତା ଉପରେ ନୟାହାଟକୁ ନିର୍ଭର କରିଥା'ନ୍ତି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଘର ନିଭରଣ ହୋଇଥିବାବେଳେ ସେ ମଧ୍ୟ ବିଭିନ୍ନ ସମୟରେ ଯାତାୟାତ କରନ୍ତି। ଉକ୍ତ ରାସ୍ତାରେ ବିଭିନ୍ନ ସ୍ଥାନରେ ବର୍ଷାଜଳ ଜମି ରହିବା ଦ୍ୱାରା ରାସ୍ତା ନଷ୍ଟ ହଉଛି। ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ଲୋକମାନେ ପାଣିରେ ପଶି ରାତିରେ ଯାତାୟାତ କରୁଛନ୍ତି। ଏ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋଣାର୍କ, ୮।୪(ସମିସ): ବୁଧବାର ଗୋପ ବ୍ଲକ୍ ରାମଚଣ୍ଡୀ ଥାନା ଅନ୍ତର୍ଗତ ଭୁଆଁ ଗ୍ରାମସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଶତପଥୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ପୃକ୍ତ ବିଦ୍ୟାଳୟରେ ୫ ବର୍ଷ ଧରି ଶିକ୍ଷକତା ବୃତ୍ତି ନିର୍ବାହ କରିଥିବା ଆଦର୍ଶ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଗୁରୁମା' ଛାତ୍ରଛାତ୍ରୀଙ୍କୁ ନିଜର ସନ୍ତାନ ପରି ସ୍ନେହ ଦେଇଥିବା ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥିରୂପେ ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ରନାଥ କାଣ୍ଡି, ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ଅବସରପ୍ରାପ୍ତ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ସୁଶାନ୍ତ କୁମାର ନାୟକ, ପୁରୀ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଶିବଦତ୍ତ ନାୟକ, ଗୋପ ବ୍ଲକ୍ ଶିକ୍ଷକ ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ, ସାଧାରଣ ସମ୍ପାଦକ ସରୋଜ ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକ, ବଡ଼ଗାଁ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହର୍ଷବର୍ଦ୍ଧନ ପାଇକରାୟ, ଅଲୋଷ୍ଟାର ପୁରୀ ଜିଲ୍ଲା ସଭାପତି ରାଜକିଶୋର ଜେନା, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ରଷିପଡ଼ା କ୍ଲଷ୍ଟର ସିଆର୍‌ସିସି ପ୍ରଭାକର ମଲ୍ଲିକ, ପୂର୍ବତନ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଏନ୍‌ପିଏସ୍ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଗୋଚ୍ଛାୟତ ଓ ଆଲୁମ୍‌ନି କମିଟି ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଭାତୀ ଗୁରୁମା'ଙ୍କ ଆଦର୍ଶ କାର୍ଯ୍ୟଧାରାର ଗୁଣଗାନ କରିଥିଲେ। ଏହି ଅବସରରେ ପ୍ରଭାତୀ ଗୁରୁମା'ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ୟାମସୁନ୍ଦର ସାହୁ, ମାମିନା ବରାଳ, ଅଶ୍ୱିନୀ ପଟ୍ଟନାୟକ, ମାନସୀ ମହାନ୍ତି, ମାନସ ପରିଡ଼ା ଓ ଭାସ୍କର ଚନ୍ଦ୍ର ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




## ଡେଲାଙ୍ଗରେ ବଢ଼ୁଛି ବେଆଇନ ପଥର ଖନନ

# ୫ ଟ୍ରକ୍, ୧ ଜେସିବି ଓ ପାୱାର ଟିଲର ଜବତ

ଡେଲାଙ୍ଗ,୮।୪(ସମିସ)

ଡେଲାଙ୍ଗ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ମାଙ୍କଡ଼ା ପଥର ଖନନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହା ଫଳରେ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ସ୍କ୍ୱାଡ୍ ମଙ୍ଗଳବାର କୁଆପଦା ସନ୍ନିକଟ ପଥର ଖଣିରେ ଚଢ଼ଉ କରି ୫ ଟ୍ରକ୍, ୧ଟି ଜେସିବି ଓ ୨ଟି ପାୱାର ଟିଲର ଜବତ କରିଥିବାବେଳେ ଗାଡ଼ି ଚାଳକମାନଙ୍କୁ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି।

ଘଟଣା ଅନୁଯାୟୀ, ଘୋରଡ଼ିଆ ପୁଲିସ ସହାୟତା କେନ୍ଦ୍ରଠାରୁ ମାତ୍ର ୭ଶହ ମିଟର ଦୂରରେ ମାଙ୍କଡ଼ା ପଥର ଖନନ କରାଯାଉଥିବା ନେଇ ସ୍ପେଶାଲ ସ୍କ୍ୱାଡ୍ ଖବର ପାଇଥିଲା। ପରେ ମାଙ୍କଡ଼ା ପଥର ଖନନ କରାଯାଉଥିବା ସ୍ଥାନରେ ଏହି ଟିମ୍ ଚଢ଼ଉ କରିଥିଲା। ପଥର ଖନନରେ ନିୟୋଜିତ ହୋଇଥିବା ମେସିନ୍ ଓ ଟ୍ରକ୍‌ଗୁଡ଼ିକୁ ଜବତ କରାଯାଇଛି। ଘୋରଡ଼ିଆ ପୁଲିସ ସହାୟତା କେନ୍ଦ୍ରଠାରୁ ମାତ୍ର ଅନତି ଦୂରରେ ପଥର ଖନନ କରାଯାଉଥିବା ବେଳେ ସହାୟତା କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏଥିପ୍ରତି ଧ୍ୟାନ ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଡେଲାଙ୍ଗ ଥାନାର ରେଙ୍ଗଳ, ଗୋଡ଼ିପୁଟ-ମାଟିଆପଡ଼ା, ଯମୁନା-ଝାରପଡ଼ା, ବରପଦା ଅଞ୍ଚଳରେ ମଧ୍ୟ ଦିବାଲୋକରେ ବେଧଡ଼କ ମାଙ୍କଡ଼ା ପଥର ଖନନ କରାଯାଉଥିବା ଅଭିଯୋଗ ହେଉଛି। ସୂଚନା ଥାଉକି, ମାର୍ଚ୍ଚ ୨୭ ତାରିଖରେ ବରପଦା ମୌଜାର ତାଳେଶ୍ୱର ଦେବଙ୍କ ମନ୍ଦିର ନିକଟରେ ବେଆଇନ ଖଣି ଖନନ ନେଇ ଖଣି ମାଫିଆଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଯାହା ଫଳରେ ଖଣିରେ ୨ଟି ଜେସିବି ପୋଡ଼ି ଘଟଣା ଘଟିଥିଲା। ଅନ୍ୟପଟେ ବେଆଇନ ଖଣି ଖନନ ଯୋଗୁଁ ଜଙ୍ଗଲ ଜମି ନଷ୍ଟ ହେଉଥିବାବେଳେ ଖଣି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।



## ଆବାସ କାର୍ଯ୍ୟାଦେଶ ବଣ୍ଟନରେ ଟାଳଟୁଳ ନୀତି

### ଏନଏସି କାର୍ଯ୍ୟାଳୟ ଘେରିବ କଂଗ୍ରେସ

ଖଣ୍ଡପଡ଼ା,୮ ।୪(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ବାସଗୃହ, ଖାଦ୍ୟ ସୁରକ୍ଷା ଭଳି ମୌଳିକ ବ୍ୟବସ୍ଥାକୁ ପ୍ରଶାସନ ପକ୍ଷରୁ ସୁନିଶ୍ଚିତ କରାଯାଉ ନ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ। ନିକଟରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟି କାର୍ଡ ବଣ୍ଟନ ଭଳି ମୌଳିକ ଆବଶ୍ୟକତା ବେଳେ ପ୍ରଶାସନିକ ହସ୍ତକ୍ଷେପକୁ ନେଇ ଗତ ମାସ ୨୦ ତାରିଖ ଦୀର୍ଘ ୭ ବର୍ଷ ପରେ ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ପାଇଁ ଏନଏସି ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ଅଧକ୍ଷା ଏବଂ ସ୍ଥାନୀୟ ବିଧାୟକ ମୁହାଁମୁହିଁ ହେବାରୁ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମ ବାତିଲ କରିଥିଲା। ଦୁଇଦିନ ତଳେ ଅଧକ୍ଷା ଓ ନିର୍ବାହୀ ଅଧିକାରୀ କିଛି ହାତଗଣତି ହିତାଧିକାରୀଙ୍କୁ ଆବାସ ଓ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟ ହିତାଧିକାରୀଙ୍କୁ ଆବାସ ଓ ରାସନ କାର୍ଡ ଦିଆଯିବ କି ନାହିଁ ସ୍ପଷ୍ଟ ହୋଇନାହିଁ। ଫଳରେ ବାରମ୍ବାର ସହରବାସୀଙ୍କ ସହ ପ୍ରତାରଣା କରାଯାଉଥିବା ଅଭିଯୋଗ ହୋଇଛି। ଗତ ୭ ବର୍ଷ ପରେ ଆବାସ ପାଇଁ ଯୋଗ୍ୟ ବିବେଚିତ ୧୯୭ ହିତାଧିକାରୀ ଏହି ଘଟଣାକୁ ନେଇ ବ୍ୟଥିତ ଥିବା ବେଳେ ନଗର କଂଗ୍ରେସ ପ୍ରଶାସନିକ ସ୍ଥାଣୁତାକୁ ଦୃଢ଼ ନିନ୍ଦା କରୁଛି। ଏଭଳି ସ୍ଥିତିରେ ଶୁକ୍ରବାର ନଗର କଂଗ୍ରେସ ପକ୍ଷରୁ ଏନଏସି କାର୍ଯ୍ୟାଳୟ ଘେରଉ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ନୟାଗଡ଼ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ସହରବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବାରୁ ନଗର କଂଗ୍ରେସ ଏଭଳି ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥାକୁ ଅଧିକ ଶାଣିତ କରାଯିବ ବୋଲି ନଗର କଂଗ୍ରେସ ପକ୍ଷରୁ କୁହାଯାଇଛି।

# କୋରଡ଼ା ବାଣ ବିସ୍ଫୋରଣ; ମୃତ୍ୟୁସଂଖ୍ୟା ୪କୁ ବୃଦ୍ଧି

- ଆଡ଼ ଆଖିରେ ଚାହିଁଲେନି ପ୍ରଶାସନ ଓ ରାଜନେତା
- ଚାଲିଗଲା ବାପଛେଉଣ୍ଡ ନାବାଳକର ଜୀବନ
- ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ
- ଘଟଣାସ୍ଥଳକୁ ଗଲେନି ବରିଷ୍ଠ ପୁଲିସ ଅଧିକାରୀ

ନୟାଗଡ଼,୮ ।୪(ସମିସ)

ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ୬ ଜଣ ଗୁରୁତରଙ୍କ ମଧ୍ୟରୁ ମୋଟ ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ମଙ୍ଗଳବାର ସୁଦ୍ଧା ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଧବାର ନାବାଳକ ଅମ୍ରିତ୍ କୁମାର ସେଠୀଙ୍କ ଜୀବନ ଯାଇଛି। ଅମ୍ରିତ୍ ହେଉଛନ୍ତି ମୁଖ୍ୟ ବାଣ ନିର୍ମାଣକାରୀ ହାଡ଼ିବନ୍ଧୁ ସେଠୀଙ୍କ ପୁଅ ରବୀନ୍ଦ୍ର ସେଠୀଙ୍କ ଶଳା। ଅମ୍ରିତଙ୍କ ବାପା ନାହାନ୍ତି। ତାଙ୍କ ମାଆ ଓ ଜଣେ ଭଉଣୀ ବେଙ୍ଗାଲୁରୁରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ପୁଅକୁ ଭଉଣୀ ଓ ଭିଣୋଇଙ୍କ ପାଖରେ ଛାଡ଼ି ସେମାନେ ବେଙ୍ଗାଲୁରୁ ଯାଇଥିଲେ। ବାଣ ବିସ୍ଫୋରଣ ବେଳେ ଅମ୍ରିତ ସେଠାରେ ଖେଳୁଥିଲେ। ବିସ୍ଫୋରଣରେ ପୂର୍ବରୁ ମୁଖ୍ୟ ବାଣ ନିର୍ମାଣକାରୀ ହାଡ଼ିବନ୍ଧୁ ସେଠୀ, କୋରଡ଼ା ଗ୍ରାମର ନିରଞ୍ଜନ ନାହାକ, ମୀନାଗାଡ଼ିଆ ଗ୍ରାମର ବାପି ନାୟକଙ୍କ ମୃତ୍ୟୁ ହୋଇଥିଲା। ମୀନାଗାଡ଼ିଆ ଗ୍ରାମର ମନୋଜ ନାୟକ ଏବଂ ହାଡ଼ିବନ୍ଧୁଙ୍କ ପୁଅ ନବ ଦୁହେଁ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ହାଡ଼ିବନ୍ଧୁ ଦୀର୍ଘଦିନ ଧରି ବାଣ ନିର୍ମାଣ କରି ଆସୁଥିଲେ। ଏନେଇ ପୁଲିସ ପ୍ରଶାସନ ଏବଂ ସ୍ଥାନୀୟ ଲୋକେ ଅବଗତ ଥିଲେ। ପୁଲିସ ପୂର୍ବରୁ ହାଡ଼ିବନ୍ଧୁଙ୍କୁ ଗିରଫ ମଧ୍ୟ କରିଥିଲା। ତଥାପି ବାଣ ନିର୍ମାଣ ସମ୍ପର୍କରେ ପୁଲିସ କିଭଳି କୌଣସି ସୁରାକ ପାଇ ନ ଥିଲା ନା ଜାଣିଶୁଣି ଅଣଦେଖା କରିଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବାଣ ବିସ୍ଫୋରଣ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ବେଳେ ଏହାର ଉତ୍ତରଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। କାରଣ ନୂଆଗାଁ ଥାନା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ପୁଲିସ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଅନ୍ୟପକ୍ଷରେ ୪ ଜଣଙ୍କ ଜୀବନ ଚାଲି ଯାଇଥିଲେ ମଧ୍ୟ ଘଟଣାସ୍ଥଳରେ କୌଣସି ବରିଷ୍ଠ ପୁଲିସ ଅଧିକାରୀଙ୍କ ପାଦ ପଡ଼ିବାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ବ୍ୟକ୍ତିମାନେ ଜୀବନ ହରାଇ ସାରିଥିବା ବେଳେ ସେମାନଙ୍କ ପରିବାର ପ୍ରତି ସାମାନ୍ୟ ସମବେଦନା ନ ଥିବା ଦେଖାଯାଇଛି। ସ୍ଥାନୀୟ ରାଜନେତାମାନେ ସବୁ ଜାଣି ନିରବ ରହିବା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସାନ୍ତ୍ୱନା ଟିକେ ଦେବା ପାଇଁ ନୂଆଗାଁ ବ୍ଲକର ବରିଷ୍ଠ ରାଜନେତା କି ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ନ ପଡ଼ିବା କେତେଦୂର ସମୀଚିନ ବୋଲି ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ଏତେ ବଡ଼ ଘଟଣାକୁ ଆଡ଼ ଆଖିରେ ନ ଚାହିଁବାକୁ ନେଇ ମଧ୍ୟ ବୁଦ୍ଧିଜୀବୀ ମହଲରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ କିମ୍ବା ଏସ୍‌ପି ଘଟଣାସ୍ଥଳକୁ ଯାଇ ପରିବାରକୁ ଭେଟିବାକୁ ଆଦୌ ଗୁରୁତ୍ୱ ଦେଇନାହାନ୍ତି। ତହସିଲଦାର ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରି ଦାୟିତ୍ୱମୁକ୍ତ ହୋଇଥିବା ବେଳେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଶୋକବ୍ୟକ୍ତ ମଧ୍ୟ କରାଯାଇନାହିଁ। ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରାଯାଉଥିବା ବେଳେ ବାଣ ବିସ୍ଫୋରଣ ଭଳି ଏତେ ବଡ଼ ଅଘଟଣରେ କୌଣସି ପ୍ରକାର ସହାୟତା ଘୋଷଣା କରାଯାଇନାହିଁ। ପେଟ ପାଇଁ ବାଣ ପ୍ରସ୍ତୁତ କରି ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଗରିବ ପରିବାରଗୁଡ଼ିକୁ ଅପରାଧୀ ଆଭିମୁଖ୍ୟରେ ଗ୍ରହଣ କରାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମତ ପ୍ରକାଶ ପାଇଛି।

### ଗଞ୍ଜାମରୁ ଆସିଥିଲେ ହାଡ଼ିବନ୍ଧୁଙ୍କ ପରିବାର

ନୟାଗଡ଼: ମୁଖ୍ୟବାଣ ନିର୍ମାଣକାରୀ ତଥା ମୃତକ ହାଡ଼ିବନ୍ଧୁ ସେଠୀଙ୍କ ପରିବାର ଦୀର୍ଘବର୍ଷ ତଳୁ ଗଞ୍ଜାମ ଜିଲ୍ଲାରୁ ଆସି ଏଠାରେ ପେଟପାଟଣା ପାଇଁ କାମ କରୁଥିଲେ। ହାଡ଼ିବନ୍ଧୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ବାଣ ନିର୍ମାଣ କୌଶଳ ଶିଖିଥିଲେ। ତାଙ୍କ ପରିବାର ସହ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କୁ ନେଇ ଦୀର୍ଘଦିନ ଧରି ବାଣ ନିର୍ମାଣ କରୁଥିଲେ। ଏହି ବାଣ ବିସ୍ଫୋରଣ ତାଙ୍କ ପରିବାରକୁ ଛାରଖାର କରି ଦେଇଥିବା ବେଳେ ସହଯୋଗୀଙ୍କ ପରିବାର ମଧ୍ୟ ଛାରଖାର ହୋଇଯାଇଛି। ଭଉଣୀ ଓ ଭିଣୋଇଙ୍କ ଆଶ୍ରାରେ ଜୀବନ ଜିଉଁଥିବା ନାବାଳକ ଅମ୍ରିତ ସେଠୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ବିସ୍ଫୋରଣରେ ଅମ୍ରିତଙ୍କ ବାମ ହାତର ୩ଟି ଆଙ୍ଗୁଠି ଛିଣ୍ଡି ଯାଇଥିବା ବେଳେ ଶରୀରର ବିଭିନ୍ନ ଅଂଶ ଜଳିଯାଇଥିଲା। ଗତ ୩ ତାରିଖ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିକଳ ଅବସ୍ଥାରେ ସେ ପାଣି ଟୋପେ ପାଇଁ ଚିତ୍କାର କରୁଥିଲେ। ଡାକ୍ତରଖାନାରେ ତାଙ୍କ ଅବସ୍ଥା ଦେଖିଥିବା ପୁଲିସ ଅଧିକାରୀ, କର୍ମଚାରୀ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଆଖିରେ ଆଜି ଲୁହ ଜକେଇ ଆସିଛି।

### ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

## ନୟାଗଡ଼ରେ ୩୦, ଗଣିଆରେ ୨୯ ୟୁନିଟ୍ ସଂଗୃହୀତ



ନୟାଗଡ଼,୮ ।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ରକ୍ତଦାନ ଶିବିର ନୟାଗଡ଼ ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ରେଡକ୍ରସ ସ୍ୱେଚ୍ଛାସେବୀ ଫୋରମ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ସହଯୋଗରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଏହି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷ ଈଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୁଷ୍ପାନୀଳିମା ଲାକ୍ରା, ଏଡିଏମଓ ଡା. ସୁଶାନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଡେପୁଟି କଲେକ୍ଟର ତପତି ରାଜ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ଡିପିଏମ ପ୍ରକାଶ ଚନ୍ଦ୍ର ବାନାର୍ଜୀ ସମାଜସେବୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ୩୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ।

ଗଣିଆ: ଗଣିଆ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ଅବସରରେ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଅଖିଳ କୁମାର ହୋତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଡେପୁଟି କଲେକ୍ଟର ତାପତୀ ରାଜ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଗିରୀଶ କୁମାର ମିଶ୍ର, ମହାନଦୀ ପବ୍ଲିକ ସ୍କୁଲ ସମ୍ପାଦକ ପଙ୍କଜ କୁମାର ସାହୁ, ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଭଗବାନ ପୃଷ୍ଟି, ଶର୍ମିଳା ଦାଶ, ଯୁବ ରେଡକ୍ରସର ରାକେଶ ବରାଡ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୯ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ନୟାଗଡ଼ ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ମେ ୯ରୁ ମଞ୍ଚାୟନ ନାଟକ ଉତ୍ସବ

ନୟାଗଡ଼,୮ ।୪(ସମିସ): ନୟାଗଡ଼ର ପ୍ରମୁଖ ନାଟ୍ୟାନୁଷ୍ଠାନ ମଞ୍ଚାୟନ ତରଫରୁ ମେ ୯ ଓ ୧୦ ତାରିଖ ନାଟକ ଉତ୍ସବ ଅନୁଷ୍ଠିତ ହେବ। ୯ ତାରିଖ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଭୁବନେଶ୍ୱରର ବାଗଦେବୀ ଲିଟରେଚର ଟ୍ରଷ୍ଟ ନାଟକ 'ଓଡ଼ଶ' ଏବଂ ୧୦ ତାରିଖ ଶରତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ରାଗେଶ୍ରୀ ନୀଳୟମ୍ ନାଟକ 'ଜଉଘର' ମଞ୍ଚସ୍ଥ ହେବ। ଜିଲ୍ଲାର ପ୍ରତିଭାବାନ୍ ଅଭିନେତା, ନିର୍ଦ୍ଦେଶକ ଓ ନାଟ୍ୟକାରଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଦିନ ନାଟକ ଶେଷରେ ଉପସ୍ଥିତ ଦର୍ଶକ ନାଟକ ଆଧାରିତ ପ୍ରଶ୍ନ ନାଟକର ନିର୍ଦ୍ଦେଶକ ଓ କଳାକାରଙ୍କୁ ପଚାରିପାରିବେ। ଶ୍ରେଷ୍ଠ ଦର୍ଶକୀୟ ମତାମତ ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ମଞ୍ଚାୟନ ସଭାପତି ନିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ମଞ୍ଚାୟନ ତରଫରୁ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ସୁରେନ୍ଦ୍ର ସାହୁ, ଜ୍ଞାନପ୍ରକାଶ ବାରିକ, ପ୍ରଶାନ୍ତ ସାମନ୍ତରାୟ, ଗୋକୁଳ ଷଡ଼ଙ୍ଗୀ, ଗୋବର୍ଦ୍ଧନ ପରିଡ଼ା, ରଞ୍ଜନରଶ୍ମି ଜେନା, କୈଳାସ ଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

### ବେଆଇନ ଖଇନି କାରବାର

## ଦୁର୍ଗା ଖଇନି ମାଲିକଙ୍କୁ ଉଠାଇନେଲା ପୁଲିସ



କଟକ/ତିଗିରିଆ,୮ ।୪(ସମିସ): ବେଆଇନ ଖଇନି ପ୍ରସ୍ତୁତି ଓ କଞ୍ଚାମାଲ ଯୋଗାଣ ଅଭିଯୋଗରେ ବଡ଼ମ୍ବା ଥାନା ଅନ୍ତର୍ଗତ ବେଲିଆପାଳ ଗ୍ରାମର ପ୍ରତିଷ୍ଠିତ "ଦୁର୍ଗା ଖଇନି' ମାଲିକ ଚିତ୍ତରଞ୍ଜନ ଦାସଙ୍କୁ ପୁଲିସ ଉଠାଇ ନେଇଛି। ଖଣ୍ଡପଡ଼ା ଡିଏସପିଙ୍କ ନେତୃତ୍ୱରେ ବଡ଼ମ୍ବା ପୁଲିସର ସହାୟତାରେ ଏହି ଚଢ଼ଉ କରାଯାଇଥିଲା। ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଥାନା ଅଞ୍ଚଳରେ "ପାୱାର' ନାମକ ଏକ ବେଆଇନ ଖଇନି କାରଖାନା ଉପରେ ପୁଲିସ ଚଢ଼ଉ କରି ଏହାର ମାଲିକଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ଉକ୍ତ ବେଆଇନ ସାମଗ୍ରୀ ପ୍ରସ୍ତୁତି ପାଇଁ ବଡ଼ମ୍ବାର ଦୁର୍ଗା ଖଇନି କମ୍ପାନୀରୁ କଞ୍ଚାମାଲ ଆସୁଥିବା ସେ ସ୍ୱୀକାର କରିଥିଲେ। ଏହି ଆଧାରରେ ପୁଲିସ ବେଲିଆପାଳରେ ପହଞ୍ଚି ଚିତ୍ତରଞ୍ଜନଙ୍କୁ କାବୁ କରିଛି। ଅଭିଯୋଗ ହୋଇଛି ଯେ ସରକାରୀ ନିୟମ ଅନୁଯାୟୀ ଦୁର୍ଗା ଖଇନି ମାସକୁ ମାତ୍ର ୩୦ କେଜି ଖଇନି ପ୍ରସ୍ତୁତ କରିବା ପାଇଁ ଅନୁମତି ପାଇଥିବା ବେଳେ ବାସ୍ତବରେ ଏଠାରେ ଦୈନିକ ପ୍ରାୟ ୨ କୁଇଣ୍ଟାଲ ଖଇନି ପ୍ରସ୍ତୁତ ହୋଇ ବାହାରକୁ ବିକ୍ରି ହେଉଥିଲା। ଏତେ ବଡ଼ ବେଆଇନ କାରବାର ଚାଲିଥିଲେ ସୁଦ୍ଧା ଅବକାରୀ ବିଭାଗ କିଭଳି ଚୁପ୍ ରହିଥିଲା, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ବର୍ତ୍ତମାନ ଚିତ୍ତରଞ୍ଜନଙ୍କୁ ଅଟକ ରଖି ଏହି କାରବାରର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି, ସେନେଇ ଅଧିକ ତଦନ୍ତ ଜାରି ରଖିଛି।

## କାନ୍ଥ ମଧ୍ୟରେ ଚାପି ହୋଇ ଗାଈ ମୃତ

ଭାପୁର,୮ ।୪(ସମିସ): ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡ଼ା ଗ୍ରାମର ନବକିଶୋର ମାଝୀଙ୍କ ଗର୍ଭଣୀ ଗାଈ ଦୁଇ ପଡ଼ୋଶୀଙ୍କ କାନ୍ଥ ମଝିରେ ଚାପି ହୋଇ ବୁଧବାର ମୃତ୍ୟୁବରଣ କରିଛି। ନବଙ୍କ ଘରକାନ୍ଥ ଏବଂ ତାଙ୍କ ପଡ଼ୋଶୀଙ୍କ ଘର କାନ୍ଥ ସାମନା ପଟୁ ଓସାର ହୋଇ ଭିତରକୁ ଅଣଓସାରିଆ ହୋଇଥିବାରୁ ଗାଈଟି ଦୁଇ କାନ୍ଥ ମଝିରେ ଦୈବାତ ପ୍ରବେଶ କରିଯାଇଥିଲା। ତେବେ ଆଉ ବାହାରି ନ ପାରି ଚାପି ହୋଇ ରହିଯାଇଥିଲା। ସ୍ଥାନୀୟ ଲୋକେ ବହୁ ଚେଷ୍ଟା କରିବା ପରେ ଗାଈ ନ ବାହାରି ପାରିବାରୁ ଭାପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଗାଈକୁ ଉଦ୍ଧାର କରିଥିଲେ ମଧ୍ୟ ସେତେବେଳକୁ ତାହାର ମୃତ୍ୟୁ ହୋଇସାରିଥିଲା। ଗାଈର ପେଟ ବଡ଼ ହୋଇଥିବାରୁ ଦୁଇ କାନ୍ଥ ମଝିରେ ଚାପି ହୋଇ ଶ୍ୱାସରୁଦ୍ଧ ଅବସ୍ଥାରେ ମୃତ୍ୟୁ ହୋଇଥିବା ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି କହିଛନ୍ତି।

## ଗତିଶ୍ୱର ମହାଦେବଙ୍କ ୧୫୬ ପାଟଦଣ୍ଡ ଉତ୍ସବ



ଖଣ୍ଡପଡ଼ା,୮ ।୪(ସମିସ): ଖଣ୍ଡପଡ଼ା ବ୍ଲକ କାଦୁଆ ଗ୍ରାମର ଆରାଧ୍ୟ ଶ୍ରୀ ଗତିଶ୍ୱର ମହାଦେବଙ୍କ ପୀଠରେ ୧୫୬ ମୁଠା ପାଟଦଣ୍ଡ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। କାଦୁଆ, ମାଧବେରେଣୀ, ସରପୋଖରୀ, କୁଞ୍ଜବେଲୀ, ଗଡ଼ିଆସାହି, ଗୋଚ୍ଛାବାରୀ, ପଥରଗଣ୍ଡ, ଖୁଣ୍ଟୁବନ୍ଧ, ସିଙ୍ଘାପଡ଼ା ଆଦି ୨୮ ଖଣ୍ଡ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଦଣ୍ଡପର୍ବକୁ ଉପଭୋଗ କରିବା ନିମନ୍ତେ ମନ୍ଦିର ନିକଟରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ପୁଷ୍କରିଣୀରେ ସ୍ନାନ କରିବା ସହ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଦଣ୍ଡୁଆମାନେ ଗତିଶ୍ୱର ଦେବଙ୍କ ମନ୍ଦିର ବେଢ଼ା ପରିକ୍ରମା କରି ଗ୍ରାମ ପରିକ୍ରମା କରିଥିଲେ। ବିଗ୍ରହଙ୍କ ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଦୁଆରେ ନୂତନ କଳସ ସ୍ଥାପନ, ଦୀପ ପ୍ରଜ୍ୱଳନ ସହ ଭୋଗ ଲାଗି କରାଯାଇଥିଲା। ବିଳମ୍ବିତ ରାତିରେ ଦଣ୍ଡ ଠାକୁର କୋଠିକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ବେଣାଗାଡ଼ିଆସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଜୀଉଙ୍କ ମନ୍ଦିରରେ ମଧ୍ୟ ୧୫୬ ମୁଠା ଦଣ୍ଡପର୍ବ ପାଳିତ ହୋଇଛି।

## ସରପଞ୍ଚଙ୍କ ମାତୃ ବିୟୋଗ

ଭାପୁର,୮ ।୪(ସମିସ): ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ମା' ସୁଲୋଚନା ମଲ୍ଲିକଙ୍କର ବୁଧବାର ସକାଳେ ଦେହାନ୍ତ ହୋଇଛି। ସେ କିଛିଦିନ ହେବ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ବୁଧବାର ଭୋର ସମୟରେ ହୃଦଘାତରେ ତାଙ୍କ ଦେହାନ୍ତ ହୋଇଛି। ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ଅଜୟ ମୁଖାଗ୍ନି ଦେଇଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ପହଞ୍ଚି ଦେଶ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।


## ଗୃହ ଗଣନା ପ୍ରଶିକ୍ଷଣ ଉଦଯାପିତ



ଖଣ୍ଡପଡ଼ା,୮ ।୪(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ତିନିଦିନ ଧରି ଚାଲିଥିବା ଭାରତ ଗୃହ ତାଲିକା ଏବଂ ଗୃହ ଗଣନା ପ୍ରଶିକ୍ଷଣ ଶିବିର ବୁଧବାର ଉଦଯା।ପିତ ହୋଇଛି। ଶିବିରରେ ବ୍ଲକର ବିଭିନ୍ନ ସରକାରୀ ବିଦ୍ୟାଳୟରେ ୨୪୩ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ସେମାନେ ଚଳିତ ମାସ ୧୬ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଜନଗଣନା କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଗୃହ ଗଣନା ଏବଂ ଗୃହତାଲିକା ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବେ। ଉଦଯାପନୀ ଦିବସରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶୁକଦେବ ବେହେରା, ତହସିଲଦାର ବିଶ୍ୱଶ୍ରୁତ ତ୍ରିପାଠୀ, ବିଡିଓ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ପ୍ରମୁଖ ଯୋଗଦେଇ ଗୃହ ଗଣନା ଓ ଜନଗଣନା ଦେଶର ବିକାଶ ଓ ପ୍ରଶାସନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ତହସିଲଦାର ରୀନାରାଣୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଯାପନୀ ସଭାରେ ପ୍ରଶିକ୍ଷକ ଭାବେ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଏଚ୍‌ଏଲଓ ଆପ୍ ଦ୍ୱାରା ଗଣନା କାର୍ଯ୍ୟ, ମ୍ୟାପିଂ, ଗୃହଗୁଡ଼ିକର ସଂଖ୍ୟା, ସେନ୍ସେସ ଗୃହ ନମ୍ବର ଏବଂ ପରିବାରର ମୁଖ୍ୟଙ୍କଠାରୁ ୩୪ଟି ତଥ୍ୟ ସଠିକ୍ ଭାବେ ଆଦାୟ କରି ଗଣନା କାର୍ଯ୍ୟ କରାଯିବା ଉପରେ ବୁଝାଇଥିଲେ। ଏତଡ ବ୍ୟତୀତ ତାଲିମ ଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୃହ ଗଣନା ସମ୍ପର୍କିତ ସମସ୍ତ ଦ୍ୱନ୍ଦ୍ୱ ଦୂର କରିଥିଲେ। ଗତ ତିନିଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିରରେ ଖଣ୍ଡପଡ଼ା ତହସିଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବାଉଁଶ ଗଛରେ ଫଳିଲା ଧାନ

ଓଡ଼ଗାଁ,୮ ।୪(ସମିସ): ପ୍ରକୃତିର ସମୟ ଭିତ୍ତିକ ପରିବର୍ତ୍ତନକୁ ନେଇ ସମାଜରେ ଅନେକ ଲୋକାଚାର ରହିଛି। ଯାହାକି ଆଧୁନିକ ବିଜ୍ଞାନ ଯୁଗରେ ଗ୍ରହଣୀୟ ହୋଇ ନ ଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଏଭଳି ଅନେକ ଘଟଣା ଦେଖିବାକୁ ମିଳିଥାଏ। ଯେପରିକି ବାଉଁଶ ଗଛରେ ଧାନ ଫଳିବା ଘଟଣା।



ସାମାଜିକ ବିଚାରଧାରାରେ ଏହାକୁ ଏକ ଅଲୌକିକ ଘଟଣା ଭାବେ ଗ୍ରହଣ କରାଯାଇଥାଏ। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସାକେରି ପଞ୍ଚାୟତ ସାକେରି ଗ୍ରାମରେ ଥିବା ପ୍ରାୟ ସମସ୍ତ ବାଉଁଶ ଗଛରେ ଏଭଳି ଧାନ ଫଳିଥିବା ଦେଖିବାକୁ ମିଳିଛି। ବାଉଁଶ ଗଛରେ ଧାନ ଫଳିବା ଦେଖାଗଲେ ଏହା ମରୁଡ଼ିର ସଙ୍କେତ ଭାବେ ବିଚାର କରାଯାଇଥାଏ। ବିଜ୍ଞାନ ଏହାକୁ ବାଉଁଶ ଗଛର ଏକ ଧାରାବାହିକ ପ୍ରକ୍ରିୟା ଭାବେ ଗ୍ରହଣ କରିଥାଏ। ଏହି ଘଟଣାକୁ ବିଜ୍ଞାନରେ "ଗ୍ରେଗାରିଅସ୍ ଫ୍ଲାୱରିଂ' ବୋଲି କୁହାଯାଏ। ସମ୍ପ୍ରତି ଓଡ଼ଗାଁ ବ୍ଲକ ସାକେରି ଗ୍ରାମ ତଥା ଗ୍ରାମ ରାସ୍ତା କଡ଼ରେ ଥିବା ବାଉଁଶ ଗଛଗୁଡ଼ିକରେ ଏହି ଦୁର୍ଲଭ ଦୃଶ୍ୟ ଦେଖାଯାଇଛି। ବର୍ଷକୁ ବର୍ଷ ଜଙ୍ଗଲ ଅଥବା ଗ୍ରାମର ବାଡ଼ିବଗିଚାରେ ଶାନ୍ତ ଭାବେ ବଢ଼ି ଚାଲିଥିବା ଏହି ବାଉଁଶ ଗଛ ହଠାତ୍ ଫୁଲରେ ଭରିଯାଇଥାଏ। ଫୁଲ ପରେ ଉତ୍ପାଦିତ ବିହନକୁ 'ବାଉଁଶ ଚାଉଳ' ବୋଲି କୁହାଯାଏ। ବାଉଁଶର ଏହି ଫୁଲ ଫୁଟିବା ପ୍ରକ୍ରିୟା ପ୍ରାୟ ୬୦ ବର୍ଷର ଏକ ଚକ୍ର। ଯେଉଁ ବାଉଁଶ ବୁଦାରେ ଫୁଲ ଫୁଟିଥାଏ, ସେହି ବୁଦା ନିଶ୍ଚିତ ଭାବେ ନଷ୍ଟ ହୋଇଯାଏ ତଥା ମରିଯାଏ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। କେବଳ ଓଡ଼ଗାଁ ବ୍ଲକ ସାକେରୀ ନୁହେଁ, ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଥିବା ବାଉଁଶ ବୁଦାରେ ଏବେ ଧାନ ଫଳିଥିବା ଦେଖାଯାଇଛି। ନୟାଗଡ଼ ଜଙ୍ଗଲରେ ଭରପୂର ବାଉଁଶ ଉତ୍ପାଦିତ ହେଇ ଆସୁଛି। ଚଳିତ ବର୍ଷ ସୃଷ୍ଟି ହୋଇଥିବା ଏହି ସମସ୍ୟା ଅନେକ ପରିମାଣର ବାଉଁଶ ନଷ୍ଟ କରିବ ବୋଲି ଆଲୋଚନା ହେଉଛି।

# ଶୁଭୁନି ସାଇରନ, ବୁଲୁନି ପୁଲିସ ଭ୍ୟାନ

ନୟାଗଡ଼,୮ ।୪(ସମିସ)

ଜିଲ୍ଲା ପୁଲିସରେ ମାନ୍ଦାବସ୍ଥା ତଥା ଅଚଳାବସ୍ଥା ସୃଷ୍ଟି ହୋଇଛି। କୌଣସି ଥାନାର ପୁଲିସ ଆକ୍ଟିଭ୍ ଥିବା ଭଳି ମନେ ହେଉନାହିଁ। ଜିଲ୍ଲାରେ ଚୋରି, ଡକାୟତି, ରାହାଜାନୀ ବୃଦ୍ଧି ପାଉଥିବା ବେଳେ ଜିଲ୍ଲା ଦେଇ ନିଶା ତଥା ଅନ୍ୟାନ୍ୟ ବେଆଇନ ସାମଗ୍ରୀ ଅବୈଧ ଚାଲାଣ ହେଉଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା ଜିଲ୍ଲାରେ ଏକଦମ୍ ଧିମେଇ ଯାଇଥିବା ବେଳେ ପୁଲିସ ଗାଡ଼ି ସାଇରନ୍ ଶୁଣିବାକୁ ମିଳୁନି। ନୟାଗଡ଼ ପୁଲିସ ମଦ ଦୋକାନ, ହୋଟେଲ, ଢାବାଠାରୁ ଆରମ୍ଭ କରି ମାମଲା ରଫାଦଫା ଆଳରେ ଚାନ୍ଦା ଆଦାୟକୁ ବେଶ୍ ଗୁରୁତ୍ୱ ଦେଉଥିବା ବୁଦ୍ଧିଜୀବୀ ମହଲରୁ ଅଭିଯୋଗ ହେଉଛି।

ଜିଲ୍ଲାରେ ୧୪ ଥାନା ସହ ଅନେକ ଫାଣ୍ଡି ରହିଛି। ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ କଡ଼ରେ ୬ଟି ଥାନା ରହିଛି। ବାଣିଗୋଚ୍ଛା, ଦଶପଲ୍ଲା, ନୂଆଗାଁ, ନୟାଗଡ଼ ସଦର, ନୟାଗଡ଼ ଟାଉନ ଓ ଇଟାମାଟି ଥାନା ରହିଛି। ସେହିଭଳି

### ଚୋରି, ଡକାୟତି ସହ ବଢୁଛି ଅବୈଧ କାରବାର

ଗଣିଆ, ଖଣ୍ଡପଡ଼ା ଓ ଫତେଗଡ଼ ଥାନାର ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାନ୍ଦପୁର ଓ ରଣପୁର ଅଞ୍ଚଳରେ ଖଣି ମାଫିଆ ବେଶ୍ ସକ୍ରିୟ ରହୁଥିବା ବେଳେ ଅନେକ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଦେଖିବାକୁ ମିଳୁଛି। ଶରଣକୁଳ ଓ ଓଡ଼ଗାଁ ଥାନାର ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୟାଗଡ଼ ଜିଲ୍ଲାରେ ୧୨ଟି ଫାଣ୍ଡି ରହିଛି। ରାଜସୁନାଖଳା, ଦର୍ପନାରାୟଣପୁର, ଗୋଡ଼ିପଡ଼ା, ବାହାଡ଼ଖୋଲା, ମହୀପୁର, ମାଳିସାହି, ମଧ୍ୟଖଣ୍ଡ, କୋସ୍କା, ଗଡ଼ିଆସାହି, କଣ୍ଟିଲୋ, ଭାପୁର, ଜଗନ୍ନାଥପ୍ରସାଦ ଫାଣ୍ଡି କାର୍ଯ୍ୟ କରୁଛି। ଓଡ଼ଗାଁ ଥାନା କୁରାଳରେ ଏକ ବିଟ୍ ହାଉସ ମଧ୍ୟ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲ୍ଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅନେକ ସମୟରେ ନୟାଗଡ଼ରେ ବାହାର ଜିଲ୍ଲା ଅପରାଧୀମାନେ ଆଶ୍ରୟ ନେଉଥିବା ଏବଂ ପଡ଼ୋଶୀ ଗଞ୍ଜାମ ଜିଲ୍ଲାର ଅପରାଧୀ ଆସି ନୟାଗଡ଼ରେ ଅପରାଧ ଘଟାଉଥିବା ଦେଖାଯାଇଛି। ଜିଲ୍ଲାରେ ଥିବା ଥାନା ଓ ଫାଣ୍ଡିଗୁଡ଼ିକରେ କାର୍ଯ୍ୟରତ ପୁଲିସ ଅଧିକାରୀ ଓ କର୍ମଚାରୀ କିଛି ମାସ ହେବ ପାଟ୍ରୋଲିଂ ବ୍ୟବସ୍ଥାକୁ ଧିମା କରି ଦେଇଥିବା ଦେଖାଯାଇଛି। ଜିଲ୍ଲାରେ ନିଶା କାରବାର ରୋକିବା ଏବଂ ଅପରାଧ ନିୟନ୍ତ୍ରଣ କରିବା କ୍ଷେତ୍ରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ସହର ଓ ଗ୍ରାମାଞ୍ଚଳରୁ ନିୟମିତ ଚୋରି ଓ ଡକାୟତି ଘଟୁଛି।

- ଅନ୍ଧାରରେ ବାଡ଼ି ବୁଲାଉଛି ଟାଉନ ଥାନା ପୁଲିସ

### ସିସିଟିଭି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ

ନୟାଗଡ଼: ନୟାଗଡ଼ ସହରରେ ଲାଗିଥିବା ସିସିଟିଭିଗୁଡ଼ିକ ସମ୍ପୂର୍ଣ୍ଣ ଅଚଳ। ୫୯ଟି ସିସିଟିଭିରୁ ଗୋଟିଏ ବି କାର୍ଯ୍ୟ କରୁନାହିଁ। ଫଳରେ ଟାଉନଥାନା ପୁଲିସ ଅନ୍ଧାରରେ ବାଡ଼ି ବୁଲାଇବା ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଲାଗିଥିବା ସିସିଟିଭି ଅଣ୍ଡାଳୁଛି। କୌଣସି ଅପରାଧ ଘଟିଲେ ଅପରାଧୀଙ୍କ ସମ୍ପର୍କରେ କୌଣସି ସୁରାକ୍ ଯୋଗାଡ଼ କରିବାରେ ପୁଲିସକୁ ନାକେଦମ ହେବା ପଡ଼ୁଛି। ସିସିଟିଭି ଅଚଳ ହେବା ଯୋଗୁଁ ଅପରାଧୀମାନେ ମଧ୍ୟ ଏହାର ସୁଯୋଗ ନେଇ ସ୍ୱଷ୍ଟ ଦିବାଲୋକରେ ଛିନତାଇ ଓ ଡକାୟତି ଭଳି ଘଟଣା ଘଟାଇବା ପାଇଁ ପଛାଉ ନାହାନ୍ତି। ନୟାଗଡ଼ ସହରର ପ୍ରମୁଖ ଛକ, ବଜାର ଓ ସ୍ୱତନ୍ତ୍ର ସ୍ଥାନଗୁଡ଼ିକରେ ୫୯ଟି ସିସିଟିଭି ଲଗାଯାଇଥିଲା। ନୟାଗଡ଼ ଟାଉନଥାନା ନିକଟରେ ଏହାର କଣ୍ଟ୍ରୋଲରୁମ କରାଯାଇଥିଲା। ବର୍ତ୍ତମାନ ସେଥିରୁ ଗୋଟିଏ ବି ସିସିଟିଭି କାର୍ଯ୍ୟକ୍ଷମ ନାହିଁ। ପ୍ରାୟ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଏପରି ସମସ୍ୟା ଲାଗି ରହିଛି। ସିସିଟିଭିଗୁଡ଼ିକର ବିଜୁଳି ଦେୟ ପୌରପାଳିକା ପକ୍ଷରୁ ପଇଠ କରାଯାଏ। ଏହାସହ ଅଚଳ ହୋଇପଡୁଥିବା ସିସିଟିଭି ମରାମତି ପାଇଁ ଏକ ସଂସ୍ଥା ସହ ଚୁକ୍ତି କରାଯାଇଥିଲା। ଉକ୍ତ ସଂସ୍ଥାର ମିଆଦ ଶେଷ ହୋଇଥିଲେ ମଧ୍ୟ ଏ ଦିଗରେ ପୌରପାଳିକା ପକ୍ଷରୁ କିଛି ପଦକ୍ଷେପ ନିଆଗଲା ନାହିଁ। ଏବେ ଅଧିକାଂଶ ସ୍ଥାନରେ ସିସିଟିଭି ଅଚଳ ହୋଇଛି। ପୌର ପ୍ରଶାସନକୁ ଟାଉନଥାନା ପୁଲିସ ବାରମ୍ବାର ଚିଠି ଲେଖି ବିଫଳ ହେବା ପରେ ଘଟଣା ସମ୍ପର୍କରେ ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ ଅବଗତ କରାଯାଇଛି। ଏନେଇ ନୟାଗଡ଼ ପୌର ପରିଷଦ ପକ୍ଷରୁ ସିସିଟିଭି ମରାମତି ପାଇଁ ଟେଣ୍ଡର ଶେଷ ହୋଇ କାମ ଚାଲିଥିବା ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ଉଚ୍ଚ ଶିକ୍ଷିତ ଯୁବକଙ୍କୁ ପରିଚୟ ଦେଇଛି ସୂର୍ଯ୍ୟମୁଖୀ ଚାଷ



ଖୋର୍ଦ୍ଧା, ୮।୪(ସମିସ) : ସରକାର ଚାଷୀଙ୍କ ବିକାଶ ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। ଅର୍ଥ ଆମଦାନୀ ଫସଲ ସୂର୍ଯ୍ୟମୂଖୀ, ବିରି, ମୁଗ। ଏହି ଚାଷୀଙ୍କୁ ପ୍ରୋତ୍ସାହନ କରାଯାଉଥିଲା ବେଳେ ଜଳସେଚନର ସୁବିଧା ନ ଥିବାରୁ ଅନେକ ଉତ୍ସାହୀ ଚାଷୀ ଏହି ଚାଷ କରିପାରୁ ନାହାନ୍ତି। କୃଷି ବିଭାଗ ଅନେକ ସମୟରେ ବିହନ ଦେଇ ଦାୟିତ୍ୱ ଶେଷ କରୁଛି। ଜଳସେଚନ ବ୍ୟବସ୍ଥା କିପରି ମିଳିପାରିବ ସେ ନେଇ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳି ଲାଭଜନକ ସୂର୍ଯ୍ୟମୂଖୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଥିଲେ ହେଁ ଉପଯୁକ୍ତ ସୁବିଧା ସୁଯୋଗ ମିଳୁନଥିବାରୁ ଅନେକ ହତାଶ ହେଉଛନ୍ତି। ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେଉଥିବା ଲୋକ ଆଜିକାଲି ସୂର୍ଯ୍ୟମୂଖୀ ତେଲ ଖାଇବାକୁ ପସନ୍ଦ କରୁଛନ୍ତି। ଏ ନେଇ ଚାଷୀଙ୍କ ନୂଆ ଆଶା ସୂର୍ଯ୍ୟମୂଖୀ ହୋଇଛି। ଏହାର ମଧ୍ୟ ଅଧିକ ଚାହିଦା ରହିଛି। ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ଏହି ଚାଷ ବ୍ୟାପକ ପରିମାଣରେ ହୋଇପାରିବ ବୋଲି ଚାଷୀ ସମୁହ ମତବ୍ୟକ୍ତ କରୁଛନ୍ତି।

ପ୍ରକାଶ ଥାଉକି, ସୂର୍ଯ୍ୟମୂଖୀ ଚାଷ କରି ଯୁବପିଢିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଦୁଇ ଉଚ୍ଚ ଶିକ୍ଷିତ ଯୁବକ। ସେମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ବଡବେରଣା ପଚାଂୟତର ସନ୍ତୋଷ କୁମାର ସାହୁ ଓ ସରୋଜ କୁମାର ମହାପାତ୍ର। କ୍ଷେତରେ ହସୁଛି ସୂର୍ଯ୍ୟମୁଖୀ। ପବନର ତାଳେ ତାଳେ ସୂର୍ଯ୍ୟମୂଖୀ ଝୁମି ଉଠୁଥିବା ମନେ ହେଉଛି। ଯାହା ଉକ୍ତ ରାସ୍ତାଦେଇ ଯାଉଥିବା ଲୋକଙ୍କୁ କିଛି ସମୟଅଟାକାଇଦେଉଛି। କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଉଥିବା ଚାଷ ହେଉଛି ସୂର୍ଯ୍ୟମୁଖୀ ଚାଷ। ଧାନ ଅମଳ ହେବା ପରେ ଜାନୁଆରୀ ମାସରେ ଆରମ୍ଭ ହୋଇଥାଏ ଏହି ଚାଷ। ଚାଷଜମିକୁ ଉର୍ବର କରାଯିବା ପରେ ସୂର୍ଯ୍ୟମୂଖୀ ବିହନ ବୁଣାଯାଇଥିଲା। ଚଳିତ ମାସ ତଥା ଅପ୍ରେଲ ମାସରେ ସୂର୍ଯ୍ୟମୂଖୀ ଅମଳ ହେବ। ତେବେ ବେଗୁନିଆ ଅଞ୍ଚଳରେ ପ୍ରାୟ ୧୫୦ ଏକରରୁ ଅଧିକ ଜମିରେ ୨୦୦ରୁ ଅଧିକ ଚାଷୀ ସୂର୍ଯ୍ୟମୂଖୀ ଚାଷ କରି ବେଶ ଉପକୃତ ହୋଇଛନ୍ତି। ଚାଷୀ ସୂର୍ଯ୍ୟମୁଖୀ ଅମଳ କରିବା ପରେ ସେଥିରୁ ବର୍ଷକ ପାଇଁ ଖାଇବା ତେଲ ପ୍ରସ୍ତୁତ କରି ବଳକା ତେଲ ବଜାରରେ ବିକ୍ରୟ କରୁଥିବା କହିଛନ୍ତି। ଏହି ଚାଷ କରିଥିବା ଯୁବ ଇଞ୍ଜିନିୟର ସରୋଜ କହନ୍ତି ସୂର୍ଯ୍ୟମୂଖୀ ଚାଷ ଲାଭଦାୟକ। ଏହା ଖରାଦିନ ଭଲ ଅମଳ ହେଉଥିବା ବେଳେ ପାଣିର ସମସ୍ୟା ଦେଖାଯାଏ। ସରକାର ପାଣିର ସୁବିଧା ପ୍ରଦାନ କଲେ ଅମଳ ଆହୁରୀ ଭଲ ହେବ। ତାହା ସହିତ ସୂର୍ଯ୍ୟମୂଖୀ ପାଇଁ ମଣ୍ଡି ବ୍ୟବସ୍ଥା କଲେ ଚାଷୀ ଉପକୃତ ହୁଅନ୍ତେ। ସେହିଭଳି ମୁଁ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିଲେ ମଧ୍ୟ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ କ୍ଷେତରେ କାମ କରିଥାଏ ବୋଲି କହିଛନ୍ତି।

ସେହିପରି କଳାରେ ସ୍ନାତକ ଡିଗ୍ରୀ ପାଇଥିବା ଯୁବ ଚାଷୀ ସନ୍ତୋଷ କହିଛନ୍ତି ମୁଁ ଦୁଇ ବର୍ଷ ଧରି ସୂର୍ଯ୍ୟମୂଖୀ ଚାଷ କରୁଛି। ଚଳିତ ବର୍ଷ ୧ଏକର ଜାଗାରେ ଏହି ସୂର୍ଯ୍ୟ ମୁଖୀ ଚାଷ କରିଥିବା ବେଳେ ଏଥିରେ ଭଲ ଲାଭ ଆଶା ରଖିଛି ସରକାରଙ୍କ ମଣ୍ଡି ବ୍ୟବସ୍ଥା ନଥିବାରୁ ଆମେ ସବୁ ସୂର୍ଯ୍ୟମୂଖୀ ଅମଳ ଫସଲଙ୍କୁ ତେଲ କରି ଦେଉଛୁ ଏବଂ ତେଲକୁ ବିକ୍ରୀ କରି ଲାଭବାନ ହେଉଛୁ। ସରକାର ଅନେକ ସୁବିଧା ସୁଯୋଗ ଚାଷ ପାଇଁ ଯୋଗାଇ ଦେଉଛନ୍ତି, ଯଦି କୃଷି ବିଭାଗ ବିହନ ଠାରୁ କୀଟନାଶକ ଏବଂ କେଉଁ ପଦ୍ଧତି ରେ କଲେ ଭଲ ଫସଲ ହୋଇପାରିବ ସେ ଉପରେ ସଚେତନତା କରୁଛନ୍ତି ଯାହା ଆମ ଅମଳ ବଢାଇବାରେ ସହାୟକ ହେଉଛି। ସେହିପରି ଯୁବଗୋଷ୍ଠୀ ଚାକିରୀ ପଛରେ ନ ଗୋଡାଇ ନିଜ କ୍ଷେତ୍ରରେ ଫସଲ କଲେ ସୁଦ୍ଧ ଜିନିଷ ପାଇବା ସହ ପରିଶ୍ରମ କରିବା ଦ୍ୱାରା ଶାରୀରିକ ସୁସ୍ଥ ରହିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାରେ ରାଜ୍ୟ ଏବଂ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ମୋଟ ୪୦୦ ହେକ୍ଟର ଜମିରେ ସୂର୍ଯ୍ୟମୂଖୀ ଚାଷ ହୋଇଛି। ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ରବି ଋତୁରେ ରାଜ୍ୟ ଯୋଜନା ଜରିଆରେ ବାଲିଅନ୍ତା ବ୍ଲକରେ ୪୦ ହେକ୍ଟର, ବାଲିପାଟଣାରେ ୪୦ହେକ୍ଟର, ବେଗୁନିଆରେ ୫୦ହେକ୍ଟର, ବୋଲଗଡ଼ରେ ୫୦ ହେକ୍ଟର ଏବଂ ଟାଙ୍ଗୀ ବ୍ଲକରେ ୨୦ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ ଚାଷ ହୋଇଛି। ସେହିଭଳି କେନ୍ଦ୍ରୀୟ ଯୋଜନାରେ ଉଭୟ ବେଗୁନିଆ ଓ ବୋଲଗଡ଼ ବ୍ଲକରେ ୧୦୦ ହେକ୍ଟର ଲେଖାଏଁ ମୋଟ ୨୦୦ ହେକ୍ଟର ଜମିରେ ସୂର୍ଯ୍ୟମୂଖୀ ଚାଷ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି।

## ରେଳ ଷ୍ଟେସନରେ ୪ ମାସର ଶିଶୁ ଚୋରି ଅଭିଯୋଗ



ନିରାକାରପୁର, ୮।୪ (ସମିସ): ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା କ୍ରମରେ ଜଣେ ୪ ମାସର ଶିଶୁପୁତ୍ର ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାଟି ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ରେଳବାଇ ଷ୍ଟେସନ ୩ ନଂ ପ୍ଲାଟଫର୍ମରେ ଘଟିଛି। ନୟାଗଡ ଜିଲ୍ଲା ରଣପୁର ଥାନା କଳାମାଟିଆ ଗ୍ରାମ ପ୍ରଶାନ୍ତ କୁମାର ପ୍ରଧାନ ଓ ତାଙ୍କ ପତ୍ନୀ ଚିନୁଲତା ପରିଡ଼ା ନିଜର ୪ ମାସର ଶିଶୁପୁତ୍ର ସହ ଗତକାଲି ରାତିରେ ବ୍ରହ୍ମପୁର - ଭୁବନେଶ୍ୱର ଡିଏମୟୁରେ ଆସି ପ୍ଲାଟଫର୍ମ ୩ ନଂରେ ପୁଅକୁ ଧରି ଶୋଇଥିଲେ। ରାତି ପ୍ରାୟ ୧୨:୩୦ ସମୟରେ ଶିଶୁଟି ପାଖରେ ନଥିବା ଦେଖି ବାପା ମାଆ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଏ ସମ୍ପର୍କରେ ସେମାନେ ସ୍ଥାନୀୟ ନିରାକାରପୁର ରେଳବାଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି। ବର୍ତ୍ତମାନ ସୁଦ୍ଧା ଶିଶୁଟିର କୌଣସି ସନ୍ଧାନ ମିଳିପାରି ନାହିଁ। ନିରାକାରପୁର ରେଳ ଷ୍ଟେସନରେ ସିସି ଟିଭି କ୍ୟାମେରା ଲଗାଇବାକୁ ବାରମ୍ବାର ଦାବି ହୋଇଥିଲେ ବି ଏହା ନ ଲାଗିବାରୁ ଅନେକ ସମୟରେ ଘଟୁଥିବା ଘଟଣା ଜଣାପଡୁନାହିଁ।

## ଏନ୍‌ଏସି ମାନ୍ୟତା ଦାବି ଦୋହରାଇଲେ ବିଧାୟକ

ବେଗୁନିଆ, ୮।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଶିଳ୍ପାଞ୍ଚଳ ପରିସରରେ ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରଦୀପ କୁମାର ସାହୁ ବକ୍ତବ୍ୟ ଛଳରେ ଦୋହରାଇ କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳ ସମୟରେ ବେଗୁନିଆ ଓ ବୋଲଗଡ ଉଭୟ ବ୍ଲକକୁ ଏନଏସି ଘୋଷଣା କରିଥିବା ବେଳେ ଲୋକଙ୍କ ସରକାର ଦୁଇ ବର୍ଷ ଶାସନ କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବର୍ତ୍ତମାନ ସୁଦ୍ଧା ଏନଏସି ଘୋଷଣା ନ କରିବା ଯାହାକି ପରିତାପର ବିଷୟ ବୋଲି ତେରେଛା ଭାବରେ ବକ୍ତବ୍ୟ ଛଳରେ କହିଥିଲେ। ସରକାର ପର୍ଯ୍ୟଟନ ସ୍ଥଳୀ ଅତ୍ରି, ମଣ୍ଡନଗିରି, ମା' ରାମଚଣ୍ଡୀ ପୀଠ ଓ କୋଶଳାଶୁଣି ପୀଠର ଉନ୍ନତି କରଣ ପାଇଁ ଧ୍ୟାନ ଦେଇଥିବା ବେଳେ ବେଗୁନିଆ ଓ ବୋଲଗଡ ବ୍ଲକକୁ ବୈମାତୃକ ମନୋଭାବ ରଖି ଏନଏସି ଘୋଷଣା କରା ଯାଉ ନାହିଁ ବୋଲି ବେଗୁନିଆ ବିଧାୟକ ଶ୍ରୀ ସାହୁ କ୍ଷୁବ୍ଧ ହୋଇ ମତ ପ୍ରକାଶ କରିଥିଲେ। ଏହା ବ୍ଲକ ଦ୍ୱୟକୁ ତୁରନ୍ତ ଏନଏସି ଘୋଷଣା କରାଯାଉ ବୋଲି ସର୍ବ ସମ୍ମୁଖରେ ପରି ପ୍ରକାଶ କରିଥିଲେ। ଯାହାକୁ ନେଇ ରାଜ୍ୟ ରାଜନୀତିର ପଶାପାଲି ଏକରକମ୍ ନିରବ ପରିବେଶ ସୃଷ୍ଟି ହୋଇଥିବା ବେଳେ ଲୋକଙ୍କ ସରକାରର ମୁଖ୍ୟମନ୍ତ୍ରୀ ମୋହନ ମହାନ୍ତିଙ୍କ ମାଝୀଙ୍କୁ ଅଡୁଆରେ ପକାଇଛି ବୋଲି ସଚେତନ ନାଗରିକ ଓ ବୁଦ୍ଧିଜୀବୀ ମାନେ କହିଛନ୍ତି।

## ମହାପାଟଦେଇ କାଳିକା ମହୋତ୍ସବ ଆଜି

ବେଗୁନିଆ, ୮।୪ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ମହାପାଟ ଦେଇ କାଳିକା ଦେବୀ ମହୋତ୍ସବ ଗୁରୁବାର ଅପରାହ୍ନ ୪ ଘଟିକାରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ମହୋତ୍ସବ ୯ ରିଖରୁ ଆରମ୍ଭ ହୋଇ ୧୪ ରିଖପର୍ଯ୍ୟନ୍ତ ପର୍ଯ୍ୟନ୍ତ ଏ ରହିବ।ଏଥିରେ ସାଧାରଣ ସଭା ସହ ବିଶ୍ୱଶାନ୍ତି ଯଜ୍ଞ, କାଳିକା ଦେବୀଙ୍କ ଝାମୁଯାତ୍ରା, ୩୦ଟି ମୃଣ୍ମୟୀ ଦେବୀଙ୍କ ପ୍ରତି ମୂର୍ତ୍ତିଙ୍କ ସୁସଜ୍ଜିତ ବେଶ, କରପାଟ, ଖଣ୍ଡାପାଟ, ଓହଳ ତୋପ ଓ ମିନାବଜାର ଆଦି କରାଯିବ ବୋଲି ମହୋତ୍ସବ କମିଟି ସଭାପତି ଓ ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମିଳନ ପ୍ରସ୍ତୁତି ବୈଠକ

ବାଲୁଗାଁ, ୮।୪(ସମିସ): ପ୍ରତି ବର୍ଷ ଓଡ଼ିଆ ନବ ବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ଶ୍ରୀଉମାମହେଶ୍ୱର ଦେବଙ୍କ ପୀଠରେ ଦୁଇ ଦିନ ବ୍ୟାପି ଅଷ୍ଟଶମ୍ଭୁ ମିଳନ ମହୋତ୍ସବ ପାଳନ ନିମନ୍ତେ ପୂର୍ବରୁ ପ୍ରଶାସନିକ ସ୍ତରରେ ଓ ଚିଲିକା ବିଧାୟକ ତଥା ମନ୍ତ୍ରୀଙ୍କ ସହ ପ୍ରସ୍ତୁତି ବୈଠକ ସରିଥିବା ବେଳେ ବର୍ତ୍ତମାନ ଖୋର୍ଦ୍ଧା ଉପ ଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ପୌରୋହିତ୍ୟରେ ମନ୍ଦିର କଲ୍ୟାଣ ମଣ୍ଡପ ପରିସରରେ ଅନ୍ତିମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅଷ୍ଟଶମ୍ଭୁ ମିଳନ କମିଟିର ସଭାପତି ତଥା ପ୍ରଶାସନ ତରଫରୁ ମନ୍ଦିର ଟ୍ରଷ୍ଟି ଦାୟିତ୍ୱରେ ଥିବା ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼େଇ, ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ ପୁଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ସହ ବିଭିନ୍ନ ବିଭାଗୀୟ ପ୍ରଶାସନିକ ଅଧିକାରୀ, ଉତ୍ସବରେ ସାମିଲ ହେଉଥିବା ସମସ୍ତ ଦେବଦେବୀଙ୍କ ମନ୍ଦିର ପ୍ରତିନିଧି, ଯାତ୍ରା କମିଟିର ସମସ୍ତ ସଦସ୍ୟ, ସେବାୟତ ଓ ସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗ ଦେଇ ପାରମ୍ପରିକ ରୀତିନୀତିରେ ବିଭିନ୍ନ ସାଜସଜ୍ଜା, ପାଟ ପଟୁଆର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଓ ଶାନ୍ତିଶୃଙ୍ଖଳାର ସହ ମହାଆଡମ୍ବର ସହକାରେ ଏହି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ନିଜ ନିଜର ମତ ରଖିଥିଲେ। ଚଳିତ ଅପ୍ରେଲ ମାସ ୧୪ ତାରିଖ ରାତ୍ରରେ ଉତ୍ସବର ସ୍ଥାନାଧିପତି ଶ୍ରୀ ଉମାମହେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ବିଭିନ୍ନ ଗ୍ରାମର ଦେବାଦେବୀ ସୁସଜ୍ଜିତ ବିମାନରେ ପାଟ ପଟୁଆର ସହ ଯାତ୍ରା ପଡିଆକୁ ଆଗମନ କରିବାକୁ ଥିବା ବେଳେ ସଂଧ୍ୟାରୁ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ୧୫ ତାରିଖ ଅପରାହ୍ନରେ ନୀତି ନିର୍ଘଣ୍ଟ ଅନୁଯାୟୀ ଠାକୁର ମାନଙ୍କ ମହା ମେଳଣ ଉତ୍ସବ ଅନୁଷ୍ଠିତ ହେବା ନିମନ୍ତେ ବୈଠକରେ ସ୍ଥିରିକୃତ ହୋଇଛି। ଚଳିତ ବର୍ଷ ଡିଜେ ଓ ଆତସବାଜୀ ପ୍ରଦର୍ଶନ ଉପରେ କଟକଣା ଲଗାଯାଇଥିବା ସହ ବାଲୁଗାଁ ଏନଏସି ତରଫରୁ ଆବଶ୍ୟକୀୟ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯିବାକୁ ବିଭାଗ ପକ୍ଷରୁ କୁହାଯାଇଛି।

## ଟାଙ୍ଗୀ ଲୟର୍ସ ବାର୍ ଆସୋସିଏସନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ଟାଙ୍ଗୀ,୮।୪ (ସମିସ) ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ୨୦୨୬-୨୭ ବର୍ଷ ର ବିଭିନ୍ନ ପଦପଦବି ରେ ନିର୍ବାଚିତ ହୋଇଥିବା କର୍ମକର୍ତା ମାନଙ୍କୁ ନିର୍ବାଚନ ଅଧିକାରୀ ଆଡଭୋକେଟ ଅମରେନ୍ଦ୍ର କୁମାର ମହାନ୍ତି ବାର ପରିସରରେ ଶପଥ ପାଠ କରାଇଥିଲେ। ସଭାପତି ଭାବେ ସୁରେନ୍ଦ୍ର କୁମାର ବେହେରା, ଉପସଭାପତି ଭାବେ ମଙ୍ଗରାଜ ସାମନ୍ତରାୟ,ସଂପାଦକ ରମାମଣି ଦେଇ,ଯୁଗ୍ମ ସଂପାଦକ ତପନ ମହାନ୍ତି, ସହ ସଂପାଦକ ମନୋଜ କୁମାର ପଟ୍ଟନାୟକ,ଲାଇବ୍ରେରି ସଂପାଦକ ଦେବିପ୍ରସାଦ ମର୍ଦ୍ଦରାଜ, କୋଷାଧ୍ୟକ୍ଷ ସୁଜାତା ପଲ୍ଲାଇ, କାର୍ଯ୍ୟକାରୀ ସଦସ୍ୟ ଭାବେ ବରିଷ୍ଠ ଆଡଭୋକେଟ ହୃଷିକେଶ ପ୍ରଧାନ, ବିଶ୍ୱଜିତ ରାଉତରାୟ, ଦେବପ୍ରସନ୍ନ ମାଲୁ, ଗଙ୍ଗାଧର ପ୍ରଧାନ, ରବୀନ୍ଦ୍ର କୁମାର ରଣା, ଅଶୋକ କୁମାର ପାତ୍ର। ଏହି ସମାରୋହ ଅବସରରେ ଚିଲିକା ଲୟର୍ସ ଆସୋସିଏସନର ସଭାପତି ପ୍ରମୋଦ କୁମାର ଜେନା, ଟାଙ୍ଗୀ ଲୟର୍ସ ବାର ଆସୋସିଏସନରର ପୂର୍ବତନ ସଭାପତି ନକୁଳ କୁମାର ନାୟକ, ପୂର୍ବତନ ସଂପାଦକ ପିତବାସ ନାୟକ, ସୁବାଷ ଚନ୍ଦ୍ର ମହାନ୍ତି, ପ୍ରତାପ ମହାପାତ୍ର, ହେମନ୍ତ ଦାସ, ହମିଦ ମିରା, ମନୋଜ ମାନସିଂହ, ନିରଂଜନ ବଳବନ୍ତରାୟ, ଆନ୍ଥୋନି ଜଗଦେବ, ରାମଚନ୍ଦ୍ର ପାତ୍ର,ଜିତେନ୍ଦ୍ର କୁମାର ଜେନା, ବିଶ୍ୱଜିତଧଳ, ଦୁଷ୍ମନ୍ତ ମହାନ୍ତି, ଶ୍ୟାମାପ୍ରକାଶ ଦାସ, ବିଶ୍ୱବିଜୟ ନାୟକ ପ୍ରମୁଖ ବାର ସଭ୍ୟସଭ୍ୟା ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇଲା ପୁଲିସ



ଖୋର୍ଦ୍ଧା,୮।୪ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଗସ୍ତ କରିଛନ୍ତି। ବେଗୁନିଆ ଅନ୍ତର୍ଗତ ଭୂଇଁପୁର ଠାରେ ୪୦, ୮୧୧ କୋଟି ଟଙ୍କା ନିବେଶରେ ସମୁଦାୟ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥବା ବେଳେ ୧୧ ଟି ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ତେବେ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା, ନିଯୁକ୍ତି ଓ ସୁଶାସନ ପ୍ରଦାନରେ ଅକ୍ଷମତା ଦର୍ଶାଇ କଂଗ୍ରେସ ଆଜି ପ୍ରତିବାଦ କରିବା ଆଶଙ୍କା କରି ଜିଲ୍ଲା ପୁଲିସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପୂର୍ବରୁ କଂଗ୍ରେସ କର୍ମୀଙ୍କୁ ଉଠାଇ ଆଣି ସାଢେ ୬ଘଂଟା ଅଟକ ରଖିଥିଲା। ଶିଳ୍ପାଂଚଳ ପୁଲିସ ପୂର୍ବାହ୍ନ ସାଢେ ୯ଟାରୁ କଂଗ୍ରେସ ନେତ୍ରୀ ସୋନାଲୀ ସାହୁ ଓ ତାଙ୍କ ୬ରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଏବଂ ଆଦର୍ଶଥାନା ପୁଲିସ ନଗର କଂଗ୍ରେସ ସଭାପତି ରଣଜିତ୍ ମହାପାତ୍ରଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଆଣି ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଅପରାହ୍ନ ୪ଟାରେ ସମସ୍ତ କଂଗ୍ରେସ କର୍ମୀଙ୍କୁ ଛଡାଯାଇଥିବା ଥାନା ପକ୍ଷରୁ କୁହାଯାଇଛି। କଂଗ୍ରେସ ନେତ୍ରୀ ଶ୍ରୀମତୀ ସାହୁ କୁହନ୍ତି, ଏମାନେ କହୁଛନ୍ତି ଲୋକଙ୍କ ସରକାର, ଲୋକଙ୍କ ମୁଖ୍ୟମନ୍ତ୍ରୀ କିନ୍ତୁ ଭୁବନେଶ୍ୱରରୁ ବୋଲଗଡ ମାତ୍ର କେଇ ସମୟ ର ରାସ୍ତା ହୋଇଥିଲେ ମଧ୍ୟ ଲୋକଙ୍କ ଟିକସ ପଇସାକୁ ପାଣିରେ ପକାଇ ହେଲିକପ୍ଟରରେ ଆସିବା କି ଆବଶ୍ୟକତା ରହିଛି। ପୂର୍ବରୁ ଏମାନେ ପୂର୍ବ ସରକାରଙ୍କ ହେଲିକପ୍ଟର ଗସ୍ତକୁ ବିରୋଧ କରୁଥିବାବେଳେ ସେମାନେ ଏବେ କିପରି ସେହି ପୁରୁଣା ପଦ୍ଧତିକୁ ଆପଣାଉଛନ୍ତି ବୋଲି ସୋନାଲି ପ୍ରଶ୍ନ କରିଛନ୍ତି।

## ଏନ୍‌ପିଏଲ୍ କ୍ରିକେଟ ମହାକୁମ୍ଭ: ଏନ୍‌କେପି ଟାଇଗର ଚାମ୍ପିଅନ



ନିରାକାରପୁର, ୮।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ଖେଳପଡ଼ିଆଠାରେ ଚତୁର୍ଥ ବାର୍ଷିକ ନିରାକାରପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଣାସ ଏବଂ ଟାଙ୍ଗୀ ବ୍ଲକର ୧୦ଟି ପଞ୍ଚାୟତର ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ମୋଟ ୬ଟି ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଏନକେପି ୱାରିୟର୍ସ ଏବଂ ଏନକେପି ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନକେପି ଟାଇଗର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ପକ୍ଷରୁ ଦିବାକରଙ୍କ ଚିତ୍ତାକର୍ଷକ ୪୧ ରନ ସହାୟତାରେ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ଦଳ ୧୦୨ ରନ୍ ସଂଗ୍ରହ କରିଥିଲା। ୧୦୩ ରନର ବିଜୟ ଲକ୍ଷ୍ୟ ପିଛା କରି ଏନକେପି ୱାରିୟର୍ସ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ମାତ୍ର ୮୫ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଏନକେପି ଟାଇଗର ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଆଜିର ଏହି ମ୍ୟାଚକୁ ବିଜୟ ପ୍ରଧାନ ଓ ପତିତ ମାର୍ଥା ସଫଳତାର ସହ ପରିଚାଳନା କରିଥିଲେ। ଉଦଯାପନୀ ଉତ୍ସବରେ ଓଡ଼ିଶା କାନ୍ତିବାହିନୀ ସେବା ଟ୍ରଷ୍ଟ ତଥା ମଦର ଟେରେସା ଫାଉଣ୍ଡେସନର ସଭାପତି ମୋହନ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ବିଜେତା ଏନକେପି ଟାଇଗର ଟ୍ରଫି ସହ ନଗଦ ୨୦,୦୦୦ ଟଙ୍କା ଓ ଉପବିଜେତା ଦଳ ଏନକେପି ୱାରିୟର୍ସ ଟ୍ରଫି ସହ ନଗଦ ୧୫,୦୦୦ ଟଙ୍କା ପାଇଥିଲେ। ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପ୍ରତ୍ୟୁଷ କୁମାର ସାମନ୍ତରାୟ, ବେଷ୍ଟ ବୋଲର ଭାବେ ନାରାୟଣ ପ୍ରଧାନ ଆଖ୍ୟା ଅର୍ଜନ କରିଥିଲେ।

## ୧୨ରେ ବାଣପୁରରେ ଦଣ୍ଡ ମେଳଣ

ବାଣପୁର, ୮।୪(ସମିସ): ବାଣପୁର ଦଣ୍ଡ ମେଳନ ଉତ୍ସବ କମିଟି ପକ୍ଷରୁ ଐତିହାସିକ ପଲଟଣ ପଡିଆରେ ଦଣ୍ଡ ମେଳଣ ଉତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ମେରୁ ଯାତ୍ରା ପୂର୍ବ ଦିନ ତଥା ଅପ୍ରେଲ ୧୨ ତାରିଖ ରବିବାର ଅପରାହ୍ନରେ ମହାଆଡମ୍ବର ସହକାରେ ଅନୁଷ୍ଠିତ ହେବ। ସେଥି ନିମନ୍ତେ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଦଣ୍ଡ ମେଳନ ଉତ୍ସବରେ ସ୍ଥାନାଧିପତି ବଡହନ୍ତୁଆଡ ରାଜରାଜେଶ୍ୱର ଦେବ ପ୍ରଥମେ ପାଟପଟୁଆର ସହ ମେଳଣ ପଡ଼ିଆକୁ ବିଜେ କରିବା ପରେ ଅନ୍ୟ ସମସ୍ତ ଦଣ୍ଡ ଠାକୁର ଯଥା ଗାଲୁଆ ଗୁପ୍ତେଶ୍ୱର ଦେବ, ଭେଟେଶ୍ୱର ଭେଟିନାଥ ଦେବ, ଭୀମପୁର ଝାଡେଶ୍ୱର ଦେବ, ବିଧାରପୁର ବାଲୁଙ୍କେଶ୍ୱର ଦେବ, ଅରାଙ୍ଗ ନୀଳକଣ୍ଠେଶ୍ୱର ଦେବ, ଖାରିଆ ପଲ୍ଲୀ ନୀଳକଣ୍ଠେଶ୍ୱର ଦେବ, ସାନହନ୍ତୁଆଡ ରାଜେଶ୍ୱର ଦେବ, ମାଟିଆପୋଖରି କପିଳେଶ୍ୱର ଦେବ, ବୋରିଗାଁ ନାଗେଶ୍ୱର ଦେବ, ବେରୁଆଁବାଡି ଗାଦିଶ୍ୱର ଦେବ ଓ ବଡଶିରେଇପୁର ଗୁପ୍ତେଶ୍ୱର ଦେବ ପ୍ରମୁଖ ୧୨ ଦଣ୍ଡ ଠାକୁର ଦଣ୍ଡୁଆ ତଥା ଭଗତାମାନଙ୍କ ଗହଣରେ ବାଜା ରୋଷଣି ପାଟ ପଟୁଆର ଓ ଆତସବାଜି ମଧ୍ୟରେ ମେଳଣ ପଡିଆକୁ ଆଗମନ କରି ଆସ୍ଥାନ ବିଜେ କରିବା ପରେ କମିଟି ପକ୍ଷରୁ ଭୋଗ ଲାଗି କରାଯାଇ ପୂଜାର୍ଚ୍ଚନା ପରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମସ୍ତ ଦଣ୍ଡ ଠାକୁରଙ୍କ ମହା ମେଳଣ ଉତ୍ସବ ମହାଅଡମ୍ବର ସହକାରେ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ଲାଗି ବର୍ତ୍ତମାନ କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ମେଳନ ପଡିଆକୁ ପୁଷ୍ପମାଳ ଓ ଆଲୋକ ମାଳାରେ ସୁସଜ୍ଜିତ କରିବା ସହିତ ଗୋଟିଏ ସ୍ଥାନରେ ୧୨ ଦଣ୍ଡ ଠାକୁରଙ୍କୁ ଏକତ୍ର ଦର୍ଶନ ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ଉତ୍ସବକୁ ସୁପରିଚାଳନା ଲାଗି ସ୍ଥିରୀକୃତ ହୋଇଛି।

## ବିନାୟକ ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୮।୪ (ସମିସ): ନିଜିଗଡ଼ ତାପଙ୍ଗ ସ୍ଥିତ ବିନାୟକ ପବ୍ଲିକ ସ୍କୁଲର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ସମାଜସେବୀ କୈଳାସ ଚନ୍ଦ୍ର ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଉକ୍ତ ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ତଥା ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶରେ ପିତାମାତା ଓ ଶିକ୍ଷକମାନଙ୍କର ମାର୍ଗଦର୍ଶନ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିଲେ। ମୁଖ୍ୟବକ୍ତା କ୍ୟାପିଟାଲ ଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବୃନ୍ଦାବନ ପଣ୍ଡା ପିଲାଙ୍କୁ ପ୍ରାଥମିକ ସ୍ତରରୁ ଦେଶର ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ପଡିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଲେଖିକା ଡକ୍ଟର ଚପଳା ପଣ୍ଡା, ସରପଞ୍ଚ ପ୍ରତାପ କୁମାର ବ୍ରହ୍ମା ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ନିମନ୍ତେ ଅନେକ ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କ ସହ ରୀତିଶ କୁମାର ଦଳେଇ, ସୋନାକ୍ଷୀ ବାରିକ, ସମାପିକା ରାୟ, ସୋମ୍ୟ ରଞ୍ଜନ ଅରିଶଲଙ୍କ ସମେତ ଅନେକ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମନମୁଗ୍ଧକର ଥିଲା। ପରିଶେଷରେ ସମ୍ପାଦକ ଚିନ୍ମୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନାଚୁଣୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଚିଲିକା, ୮।୪(ସମିସ): ନାଚୁଣୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଓଡିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରୁ "ବି" ନେଗେଟିଭ ରକ୍ତ ସଂଗ୍ରହ ହେବା ସହିତ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମେଡିକାଲ ଅଫିସର ଡାକ୍ତର କବିତା ଦାସ , କାଉନସେଲର ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଲାବ୍ ଟେକନିସିଆନ ଯଥା ଝୁନୁଲତା ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର, ଶୃତିପ୍ରିୟା ପ୍ରଧାନ ପ୍ରମୁଖ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରି ପ୍ରମାଣପତ୍ର ଓ ଗ୍ରୁପିଓ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଗୋଲଖ ବିହାରୀ ବାରିକ, ଏନ୍ ସି ସି ଅଧିକାରିଣୀ ଅଧ୍ୟାପିକା ମିଲି ବେହେରା, ଯୁବ ରେଡକ୍ରସ୍ କାଉନସେଲର ଅଧ୍ୟାପକ ଚନ୍ଦନ ପ୍ରସାଦ ଜେନା, ବିଭାଗୀୟ ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ଶତପଥୀ, ଏନ୍ ଏସ ଏସ ଅଧିକାରୀ ଜଗନ୍ନାଥ ଆଚାର୍ଯ୍ୟ, ପ୍ରଦୀପ୍ତ କୁମାର ରଥ, ମୁଖ୍ୟ କିରାଣୀ ପ୍ରମୋଦ କୁମାର ସୁବୁଦ୍ଧି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

● ପଦନପୁରର ଗାଁ ମେଳଣରେ ବୋମାମାଡ଼ ଘଟଣା

## ମୁଖ୍ୟ ଅଭିଯୁକ୍ତ ସହ ଆଉ ଜଣେ ଗିରଫ



ଜଟଣୀ, ୮।୪ (ସମିସ): ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମରେ ଗତ ମାର୍ଚ୍ଚ ୬ତାରିଖ ବିଳମ୍ବିତ ରାତିର ବୋମାମାଡ଼ ଘଟଣାରେ ଆଜି ମୁଖ୍ୟ ଅଭିଯୁକ୍ତ ସହ ଆଉ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ପଦନପୁର ତଳ ସାହିର ଚନ୍ଦ୍ରକାନ୍ତ ହରିଚନ୍ଦନ ଓରଫ୍ ତପୁ ହରିଚନ୍ଦନ(୨୨) ଓ ମଝି ସାହିର ପ୍ରଣବ କୁମାର ମହାନ୍ତି ଓରଫ୍ ଲକି(୩୦)। ସେମାନଙ୍କ ନିକଟରୁ ଗୋଟିଏ ବାଇକ ଜବତ କରିଛି ପୁଲିସ। ଜାତିଆଣ ଆକ୍ଷେପକୁ କେନ୍ଦ୍ରକରି ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଘଟଣାନୁଯାୟୀ, ଗତ ମାର୍ଚ୍ଚ ୬ତାରିଖରେ ପଦନପୁର ଗ୍ରାମରେ ମେଳଣ ଚାଲିଥିଲା। ବିଳମ୍ବିତ ରାତିରେ ଗ୍ରାମର ସ୍କୁଲ ନିକଟରେ ପୂର୍ବ ଶତ୍ରୁତା ତଥା ଜାତିଆଣ ଆକ୍ଷେପକୁ କେନ୍ଦ୍ରକରି ବୋମା ମାଡ଼ ହୋଇଥିଲା। ଏଥିରେ ଦୁଇ ଜଣ ଯୁବକ ଆହତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ ଆଶିଷ ନାୟକ, ସ୍ମୃତି ରଞ୍ଜନ ନାୟକ ଓ ଚିକୁନା ନାୟକ। ପରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଗ୍ରାମବାସୀମାନେ ରାସ୍ତାରୋକ୍ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେହିଦିନ ୩ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଥିଲା। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତକୁ ଗତ ମାର୍ଚ୍ଚ ୯ତାରିଖରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା ପୁଲିସ। ଆଜି ଗିରଫ ଦୁଇ ଅଭିଯୁକ୍ତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ରେ ଥିବା ଖବର ପାଇ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତ ତପୁ ନାଁରେ ପୂର୍ବରୁ ଜଟଣୀ ଥାନାରେ ଏକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## ଖୋର୍ଦ୍ଧାରୋଡ୍ ରେଳ ଚାଳକ ସଂଘର ଆନ୍ଦୋଳନ




ଜଟଣୀ, ୮।୪ (ସମିସ): ଦୈନିକ ୯ ଘଣ୍ଟା କାର୍ଯ୍ୟ ସମୟ ଲାଗୁ କରିବା, ଲଗାତାର ରାତ୍ରୀକାଳୀନ କାର୍ଯ୍ୟକୁ ଦୁଇ ରାତ୍ରୀକୁ ସୀମିତ ରଖିବା, ୩୬ ଘଣ୍ଟା ମଧ୍ୟରେ ମୁଖ୍ୟାଳୟକୁ ଫେରାଇ ଆଣିବା, ୧୨୦ ଦୈନିକ ମାଇଲେଜ୍ ଭତ୍ତା ଲାଗୁ କରିବା, ନୂତନ ରନିଙ୍ଗ ରୁମ୍ ଖୋଲିବା, ସମସ୍ତ ମେମୁ ଟ୍ରେନ୍ ରେ ସହଚାଳକ ନିଯୁକ୍ତି, ଯଥାଶୀଘ୍ର ସହଚାଳକଙ୍କୁ ପଦୋନ୍ନତୀ ଦେଇ ଖାଲିଥିବା ଚାଳକ ପଦବୀ ପୂରଣ କରିବା, ଚାଳକ ଏବଂ ସହଚାଳକଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବନ୍ଦ କରିବା, ରନିଙ୍ଗ ରୁମରେ ଖାଦ୍ୟର ମାନ ବୃଦ୍ଧି କରିବା ଭଳି ୯ଦଫା ଦାବି ନେଇ ଆଜି ରେଳ ଚାଳକ ସଂଘ ପକ୍ଷରୁ କାର୍ଯ୍ୟାଳୟ ନିକଟରେ ଆନ୍ଦୋଳନ କରାଯାଇଛି। ଏଥିରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ସମସ୍ତ ଶାଖା ଖୋର୍ଦ୍ଧାରୋଡ୍, ତାଳଚେର, ପଲାସା, ଛତ୍ରପୁର, ପାରାଦ୍ୱୀପ, ଭଦ୍ରକ, କେନ୍ଦୁଝର, ଯଖପୁରା, ଢେଙ୍କାନାଳ, ଅନୁଗୁଳ, ପୁରୀ, ଭୁବନେଶ୍ୱର, କଟକ ଆଦିରୁ ଶତାଧିକ ରେଳଚାଳକ ଏବଂ ସହଚାଳକମାନେ ମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖକୁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କୁହାଯାଇଛି। ଏହି ଅବସରରେ ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ନେତା ଶରତ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ, ଜୋନ୍‌ର ସଚିବ ଫିରୋଜ ଆଲାମ, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦାଶ, ମଣ୍ଡଳ ସଚିବ ଅଞ୍ଜନ ସାହୁ, ଖୋର୍ଦ୍ଧାରୋଡ୍ ଶାଖା ସଚିବ ଜ୍ୟୋତି ରଂଜନ ରାଉତ, ତାଳଚେର ସଚିବ ମଣି ବୈଭବ, ଭଦ୍ରକ ସଚିବ ଚନ୍ଦନ ସାହୁ, ଯଖପୁରା ସଚିବ ଉମେଶ ମହାରଣା, ପାରାଦ୍ୱୀପ ସଚିବ ସୁଶାନ୍ତ ସାମଲ, କେନ୍ଦୁଝର ସଚିବ କାଜଲ ବୋଷ, କଟକ ସଚିବ ଶ୍ରୀନିବାସ ମହାରଣା, ଅନୁଗୁଳ ସଚିବ ଟୁନା ସାହୁ, ଗଣମାଧ୍ୟମ ସଂଯୋଜକ ରାକେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

